## ଆଜି କ'ଣ କେଉଁଠି

**ଅନୁଗୋଳ**

■ଓଡ଼ିଶା ଲୋକାୟୁକ୍ତ ଆଇନ ସଚେତନତା ଶିବିର
ସ୍ଥାନ- ଜିଲା ପରିଷଦ ସମ୍ମିଳନୀ କକ୍ଷ
ସମୟ- ପୂର୍ବାହ୍ନ ୧୦.୩୦ ଘଟିକା

## ସଂକ୍ଷେପରେ

■୨୧ ହଜାର ୫ ଶହ ଜରିମାନା

### ମଦ୍ୟପ ଚାଳକ କୋର୍ଟ ଚାଲାଣ

ପରଜଙ୍ଗ, ୨୦ା୯(ଡି.ଏନ.ଏ.)- ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୫୩ ନଂ. ଜାତୀୟ ରାଜପଥର ଜଟିଆ ଛକ ନିକଟରେ ଗୁରୁବାର ଗାଡିମୋଟର ଯାଞ୍ଚବେଳେ ଜଣେ ମଦ୍ୟପ ଚାଳକଙ୍କୁ ୨୧ ହଜାର ୫ ଶହ ଟଙ୍କା ଜରିମାନା କରାଯିବା ସହ ତାଙ୍କୁ କୋର୍ଟଚାଲାଣ କରାଯାଇଛି। ପୋଲିସ କହିଛି, ପରଜଙ୍ଗ ଥାନା ଦଦରାଘାଟି ଫାଣ୍ଡି ଅଧୀନ କୁଲେଇ ଗ୍ରାମର ବିକାଶ ଭୁତିଆ ଏକ ବାଇକ୍(ନଂ.ଓଆର ୧୯ ପି ୨୬୬୩)ରେ ତାଳଚେର ଆଡୁ ପିତିରି ଆଡ଼କୁ ଆସୁଥିବା ବେଳେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଡ୍ରାଇଭିଂ ଲାଇସେନ୍ସ ନ ଥିବା ବ୍ୟକ୍ତିଙ୍କୁ ଗାଡି ମାଲିକ ଗାଡି ଦେଇଥିବାରୁ ୫ ହଜାର, ଡ୍ରାଇଭିଂ ଲାଇସେନ୍ସ ନ ଥିବାରୁ ୫ହଜାର, ମଦ ପିଇ ଗାଡି ଚଲାଉଥିବାରୁ ୧୦ ହଜାର, ହେଲମେଟ ପିନ୍ଧି ନ ଥିବାରୁ ୧ ହଜାର, କାଚରେ କଳା ଷ୍ଟିକର ନ ଥିବା ଓ ଅନ୍ୟ ତ୍ରୁଟି ପାଇଁ ୫ ଶହ ଟଙ୍କା ମୋଟ ୨୧ ହଜାର ୫୦୦ ଟଙ୍କା ଜରିମାନା କରାଯାଇଥିଲା। ଏଥିସହ ବିକାଶଙ୍କୁ ଗିରଫ କରାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଛି। ପରଜଙ୍ଗ ଥାନା ଅଧିକାରୀ ବିଜୟ କୁମାର ହାଇବ୍ରୁଙ୍କ ନେତୃତ୍ୱରେ ଏସ ଆଇ ସରୋଜ କୁମାର ସେଠୀ, ସରାଙ୍ଗ ଫାଣ୍ଡି ଅଧିକାରୀ ଦାମୋଦର ସାହୁଙ୍କ ସମେତ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

### ଚୋରି ବାଇକ ଉଦ୍ଧାର, ମୁଖ୍ୟ ଅଭିଯୁକ୍ତ ଗିରଫ

ବଡବିଲ, ୨୦ା୯(ସ୍ୱ.ପ୍ର.)-କେନ୍ଦୁଝର ଜିଲା ବଲାଣୀ ଥାନା ପୋଲିସ ଶୁକ୍ରବାର ଏକ ଚୋରି ବାଇକ ଉଦ୍ଧାର କରିବା ସହ ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରି ଅଧିକ ତଦନ୍ତ ଜାରି ରଖିଛି। ସେହେଲେ ବଡବିଲ ମହାନ୍ତ ବସ୍ତି ଅଞ୍ଚଳରେ ରହୁଥିବା ପଶ୍ଚିମବଙ୍ଗ ରାଜ୍ୟ ମୁର୍ଶିଦାବାଦର ଚାଇନା ଓରଫ୍ ମୁସ୍ତାଲିମ ସୈଖ୍। ତାଙ୍କୁ ଶୁକ୍ରବାର ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଛି। ଏ ନେଇ ବଲାଣୀ ଥାନାରେ ଏକ ମାମଲା ରୁଜୁ ହୋଇଛି। ଚାଇନା ଆହୁରି ୩ଟି ଚୋରିବାଇକ ବଲାଣୀ ଅଞ୍ଚଳର ବିଭିନ୍ନ ଲୋକଙ୍କୁ ହସ୍ତାନ୍ତର କରିଥିବା ସ୍ୱୀକାର କରିଛି।

■ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର

# ଇକୋ ପାର୍କ ଉନ୍ନତୀକରଣ କରାଯାଉ

**ଅନୁଗୋଳ ଅଫିସ, ୨୦ା୯**




ଅନୁଗୋଳ ସହରରେ ଥିବା ଇକୋ ପାର୍କରେ ଏବେ ବିଭିନ୍ନ ସମସ୍ୟା ଦେଖିବାକୁ ମିଳୁଛି। ଏପରି କି ପାର୍କରେ ଥିବା ଆସୁଷଙ୍ଗିକ ବ୍ୟବସ୍ଥାକୁ ବୃଦ୍ଧି କରିବା ସହ ଅଧିକ ଉନ୍ନତୀକରଣ କରିବାକୁ ସହରର ବରିଷ୍ଠ ନାଗରିକମାନେ ଦାବି କରିଛନ୍ତି। ଏ ନେଇ କେତେଜଣ ବରିଷ୍ଠ ନାଗରିକ ପୌରନିର୍ବାହୀ ଅଧିକାରୀ ଅତିରିକ୍ତ ଦାୟିତ୍ୱରେ ଥିବା ସୁବ୍ରତ କୁମାର ବେହେରାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତେବେ ଏ ନେଇ କ'ଣ ଉନ୍ନତି ହୋଇପାରିବ ତାହାର ଅନୁଧ୍ୟାନ କରାଯିବ ବୋଲି ବେହେରା କହିଛନ୍ତି। ଏ ନେଇ ସେ ଏକ ଟିମ୍ ଗଠନ କରିବେ ବୋଲି ମଧ୍ୟ ସେ କହିଛନ୍ତି।

ବରିଷ୍ଠ ନାଗରିକମାନେ ଦାବି କରିଛନ୍ତି ଯେ, ଇକୋ ପାର୍କରେ ଥିବା ଜିମ୍ ଖାନାର ସରଞ୍ଜାମ ମଧ୍ୟରୁ କେତେକ ଅକାମି ହୋଇପଡ଼ିଛି। ଏ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ସମସ୍ୟାର ସମାଧାନ ହେଉନାହିଁ। ଏହାକୁ ମରାମତି କରିବା ସହ ଅଧିକ ସରଞ୍ଜାମର ବ୍ୟବସ୍ଥା କରିବାକୁ ସେମାନେ ଦାବି କରିଛନ୍ତି। ସେହିପରି ପାର୍କରେ ଥିବା ପୁଷ୍ପ ଉଦ୍ୟାନକୁ ଅଧିକ ସୁନ୍ଦର କରିବା, ଔଷଧୀୟ ବୃକ୍ଷ ରୋପଣ ଓ ଗାଡ଼ି ରଖିବା ପାଇଁ ସେଡ୍ କରିବା, ପାଦଚଲା ରାସ୍ତା ପ୍ରଶସ୍ତୀକରଣ କରି ବୃକ୍ଷ ରୋପଣ କରିବା, ପାର୍କ ପୋଖରୀରେ ହଂସମାନଙ୍କ ସଂଖ୍ୟା ବୃଦ୍ଧି, ପିଲାଙ୍କୁ ଆକୃଷ୍ଟ କରିବା ପାଇଁ ଟଏ ଟ୍ରେନ୍, ମନୋରଞ୍ଜନ କାର୍ଯ୍ୟକ୍ରମ ପାଇଁ ବିଭିନ୍ନ ବ୍ୟବସ୍ଥା ଦିଗରେ ଦୃଷ୍ଟି ଦେବାକୁ ଦିଲିପ ମୋଦି, ଶୈଳଶ ଚନ୍ଦ୍ର ଦାଶଗୁପ୍ତ, ଟୁକୁନା ମହାପାତ୍ର, ପ୍ରଭାସିନୀ ପାଣିଗ୍ରାହୀ, ମାନସ କୁମାର ପ୍ରଧାନ, ସୁକାନ୍ତି ସାହୁ, ସୁଶାନ୍ତ ଦାସ, ଦୀପକ ପ୍ରଧାନ, ପ୍ରଶାନ୍ତ ଦାସ, ବିଜୟ କୁମାର ପ୍ରମୁଖ ପୌରନିର୍ବାହୀ ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି।

### ବ୍ୟବସାୟୀଙ୍କ ଘରୁ ଡକାୟତି

**ଅନୁଗୋଳ ଅଫିସ, ୨୦ା୯**

ଅନୁଗୋଳ ଥାନା ଅଙ୍ଗାରବନ୍ଧରେ ଶୁକ୍ରବାର ରାତିରେ ସଶସ୍ତ୍ର ଡକାୟତି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଦୁର୍ବୃତ୍ତମାନେ ବନ୍ଧୁକ ଓ ଭୁଜାଲି ଦେଖାଇ ଚଣ୍ଡିଖମଣ ମନ୍ଦିର ସମ୍ମୁଖରେ ଥିବା ନିମାଇଁ ସାହୁଙ୍କ ଘରୁ ଡକାୟତି କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଘରେ ନିମାଇଁ ନ ଥିବାବେଳେ ୩ଜଣ ଦୁର୍ବୃତ୍ତ ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ତାଙ୍କ ସ୍ତ୍ରୀ ସୌଭାଗିନୀ ସାହୁ ଏବଂ ଝିଅ ଶୁଭଲକ୍ଷ୍ମୀ ସାହୁଙ୍କୁ ଭୟଭୀତ କରିଥିଲେ। ପରେ ଘରେ ଥିବା ନଗଦ ସାଢେ ତିନି ଲକ୍ଷ ଟଙ୍କା ଓ ସୁନା ଅଳଙ୍କାର ନେଇ ଫେରାର ହୋଇଯାଇଥିଲେ। ସୂଚନାଯୋଗ୍ୟ ଯେ, ନିମାଇଁ ଘର ନିକଟରେ ଏକ ଦୋକାନ ଦେଇଥିବାବେଳେ ଧାନ ବ୍ୟବସାୟ ମଧ୍ୟ କରନ୍ତି। ରାତିରେ ସେ ଏକ ଗାଁକୁ ଧାନ କିଣିବାକୁ ଯାଇଥିବାବେଳେ ଏଭଳି ଘଟଣା ଘଟିଥିବା ସେ ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ଅନୁଗୋଳ ପୋଲିସ କହିଛି, ଅଭିଯୋଗ ବିଳମ୍ବିତ ରାତିରେ ହୋଇଛି। ପୋଲିସ ଘଟଣାସ୍ଥଳକୁ ଯାଇ ତଦନ୍ତ ଚଳାଇଛି। ବିଭିନ୍ନ ଥାନାକୁ ମଧ୍ୟ ଅବଗତ କରାଯାଇଛି।

# ବିଦ୍ୟୁତ୍ କାଟ୍‌କୁ ବିରୋଧ



**ଅନୁଗୋଳ ଅଫିସ, ୨୦ା୯**

ଅନୁଗୋଳ ସହରରେ ସେପ୍ଟେମ୍ବର ୨୧ ଠାରୁ ୨୪ ତାରିଖ ଓ ୨୭ରୁ ୨୯ ତାରିଖ ପର୍ଯ୍ୟନ୍ତ ସକାଳ ୮ରୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ବିଦ୍ୟୁତ କାଟ୍ ହେବ। ହେଲେ ସେସୁର ଏପରି ବିଦ୍ୟୁତ କାଟ୍ ନିଷ୍ପତ୍ତିକୁ ଜିଲା ସାମାଜିକ କର୍ମୀ ସଂଘ ପକ୍ଷରୁ ନିନ୍ଦା କରାଯାଇଛି। ବର୍ତ୍ତମାନ ସମୟରେ ସମସ୍ତ ସରକାରୀ ଓ ବେସରକାରୀ ଆବଶ୍ୟକ କାଗଜପତ୍ର ଅନ୍‌ଲାଇନ ବା ଡିଜିଟାଲ କରାଯାଉଥିବା ବେଳେ ବିଦ୍ୟୁତ୍ କାଟ ଏଥିରେ ବାଧା ସୃଷ୍ଟି କରିବ। ସେହିପରି ଛାତ୍ରୀଛାତ୍ରଙ୍କ ପାଠପଢା ମଧ୍ୟ ବ୍ୟାହତ ହେବ। ତେଣୁ ଦୀର୍ଘ ସମୟ ଧରି ବିଦ୍ୟୁତ କାଟ୍ ନ କରିବା ପାଇଁ ସଂଘ ପକ୍ଷରୁ ଶୁକ୍ରବାର ସେସୁ ନିର୍ବାହୀ ଯନ୍ତ୍ରୀଙ୍କୁ ଭେଟି ଦାବି କରାଯାଇଛି। ତେବେ ଦଶହରା ଓ ଲକ୍ଷ୍ମୀ ପୂଜାକୁ ଆଖି ଆଗରେ ରଖି ପ୍ରତ୍ୟକ ବର୍ଷ ଭଳି ଏ ବର୍ଷ ମଧ୍ୟ ମରାମତିର ଆବଶ୍ୟକ ରହିଥିବାରୁ ଏହା କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ସଂଘ ସଦସ୍ୟଙ୍କୁ ଅବଗତ କରାଇଥିଲେ। ତେବେ ଅପରାହ୍ନ ୪ଟା ପରିବର୍ତ୍ତେ ୨ ଘଟିକା ଭିତରେ ବିଦ୍ୟୁତ୍ ସଂଯୋଗ ଦେବା ପାଇଁ ଚେଷ୍ଟା କରାଯିବ ବୋଲି ନିର୍ବାହୀ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ତୁଟିଲା ସରକାରୀ ବସ୍‌ଷ୍ଟାଣ୍ଡ ଅଡୁଆ

**ଅନୁଗୋଳ ଅଫିସ, ୨୦ା୯**

ଅନୁଗୋଳରେ ନିର୍ମାଣ ଚାଲିଥିବା ଅତ୍ୟାଧୁନିକ ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଥିବା କେତୋଟି ଦୋକାନକୁ ନେଇ ସୃଷ୍ଟି ହୋଇଥିବା ବିବାଦର ସମାଧାନ ହୋଇଯାଇଛି। ସମ୍ପୃକ୍ତ ଦୋକାନୀଙ୍କୁ ଅଗ୍ରାଧିକାର ଭିତ୍ତିରେ ନୂତନ ସରକାରୀ ବସ୍ ଟର୍ମିନାଲରେ ଦୋକାନ ଗୃହ ଦେବା ପାଇଁ ଓଏସ୍‌ଆର୍‌ଟିସି ପକ୍ଷରୁ ସ୍ପଷ୍ଟ କରାଯିବା ପରେ ଏହି ସମସ୍ୟାର ସମାଧାନ ହୋଇଛି। ଏଥିସହ ଖୁବ୍‌ଶୀଘ୍ର ନୂତନ ବସ୍‌ଷ୍ଟାଣ୍ଡକୁ ଉଦ୍‌ଘାଟନ କରାଯିବ ବୋଲି ଓଏସ୍‌ଆର୍‌ଟିସି ପକ୍ଷରୁ ସୂଚନା ଦିଆଯାଇଛି।

ପ୍ରକାଶ ଯେ, ସରକାରୀ ବସ୍‌ଷ୍ଟାଣ୍ଡ ସମ୍ମୁଖରେ ଦୀର୍ଘ ଦିନ ହେବ ଉଠା ବ୍ୟବସାୟୀମାନେ ଜବର ଦଖଲରେ ଥିଲେ। ତେବେ ବସ୍‌ଷ୍ଟାଣ୍ଡ ନିର୍ମାଣ ପୂର୍ବରୁ ସେମାନଙ୍କ ନିକଟରୁ ଓଏସ୍‌ଆର୍‌ଟିସି ଦୋକାନ ଘର ଯୋଗାଇ ଦେବା ପାଇଁ ଟଙ୍କା ନେଇଥିଲା। ପରେ ଦୁଇ ଜଣ ବ୍ୟବସାୟୀଙ୍କୁ ଟଙ୍କା ଫେରସ୍ତ କରି ନ ଥିବାରୁ ସେମାନଙ୍କୁ ଦୋକାନ ଘର ଦିଆଯିବ ବୋଲି ବିଭାଗ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏ ନେଇ କୌଣସି ଲିଖିତ ଦସ୍ତାବିଜ ପାଇ ନ ଥିବାରୁ ବ୍ୟବସାୟୀମାନେ ଉଚ୍ଛେଦ ସମୟରେ ଉଚ୍ଚ ନ୍ୟାୟାଳୟରୁ ଷ୍ଟେ ଅର୍ଡର ଆଣିଥିଲେ। ତେବେ ଅନୁଗୋଳ ଜିଲାପାଳ ଏହି ଘଟଣାରେ ହସ୍ତକ୍ଷେପ କରିବା ସହ ଓଏସ୍‌ଆର୍‌ଟିସିକୁ ଚିଠି ମଧ୍ୟ ଲେଖିଥିଲେ। ଏଥିରେ ଦୁଇ ଜଣ ଦୋକାନୀଙ୍କୁ ଅଗ୍ରାଧିକାର ଦେଇ ବିଭାଗର ସର୍ତ୍ତାବଳୀ ଭିତ୍ତିରେ ଦୋକାନ ଘର ଯୋଗାଇ ଦେବାକୁ ଜିଲାପାଳ ଉଲ୍ଲେଖ କରିଥିଲେ। ଏହାର ପ୍ରତି ବଦଳରେ ଓଏସ୍‌ଆର୍‌ଟିସି ଚିଠି ନଂ. ୧୦୬୬୮ରେ ଉଭୟଙ୍କୁ ଦୋକାନ ଘର ପ୍ରଦାନ କରାଯିବ ବୋଲି ଉଲ୍ଲେଖ କରିଛି। ଏହାପରେ ସମ୍ପୃକ୍ତ ୨ ଦୋକାନୀ ଆସନ୍ତା ୭ ଦିନ ମଧ୍ୟରେ ବସ୍‌ଷ୍ଟାଣ୍ଡ ସମ୍ମୁଖରୁ ଦୋକାନ ଘର ହଟାଇଦେବେ ବୋଲି ଜିଲା ପ୍ରଶାସନକୁ ଅବଗତ କରିଥିବା ସୂଚନା ମିଳିଛି।

■ଜିଲାପାଳଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ ମାମଲା

### ଆଉ ୪ କର୍ମଚାରୀଙ୍କୁ ପଚରାଉଚରା

**ଅନୁଗୋଳ ଅଫିସ, ୨୦ା୯**

ଅନୁଗୋଳ ଜିଲାପାଳଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ହଡ଼ପ ମାମଲାର ଖୋଳତାଡ଼ ଚଳାଇଛି ପୋଲିସ। ଗୁରୁବାର ତତ୍କାଳୀନ ବ୍ୟାଙ୍କ ମ୍ୟାନେଜର ଶକ୍ତିବେଦାନ୍ତ ଦାସଙ୍କୁ ଦିନିକିଆ ରିମାଣ୍ଡ ଓ ବ୍ୟାଙ୍କର ଅନ୍ୟ ୨ କର୍ମଚାରୀଙ୍କୁ ପୋଲିସ ଥାନାକୁ ଡାକି ମୁହାଁ ମୁହିଁ ପଚରା ଉଚରା କରିଥିଲା। ତେବେ ଶୁକ୍ରବାର ପୁଣି ଉକ୍ତ ବ୍ୟାଙ୍କର ୪ ଜଣ କର୍ମଚାରୀଙ୍କୁ ଅନୁଗୋଳ ପୋଲିସ ଥାନାକୁ ଡକାଇଛି। ବିଳମ୍ବିତ ରାତିରେ ସେମାନଙ୍କୁ ପଚରା ଉଚରା କରାଯିବା ବୋଲି ସୂଚନା ମିଳିଛି। ବିଶେଷକରି ଟଙ୍କା କିପରି ହଡ଼ପ ହୋଇଥିଲା ସେ ନେଇ ଜାଣିବାକୁ ଅନୁଗୋଳ ପୋଲିସ ଉଦ୍ୟମ କରୁଛି।

# ସୁନାଗରିକ ହେବାକୁ ପରାମର୍ଶ



**ଛେଣ୍ଡିପଦା, ୨୦ା୯(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବାପୁଜୀ ମହାବିଦ୍ୟାଳୟରେ ଶୁକ୍ରବାର ଯୁକ୍ତ ୨ ଏବଂ ଯୁକ୍ତ ୩ର ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବ୍ରାହ୍ମଣବିଲ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ସାରଥି ସାହୁ, ବିଜେଡି ଛାତ୍ରନେତା ସତ୍ୟବ୍ରତ ଦେହୁରୀ ପ୍ରମୁଖ ଯୋଗ ଦେଇ ନବାଗତାଙ୍କୁ ସୁନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅବସରପ୍ରାପ୍ତ ଇଂଲିଶ ଅଧ୍ୟାପକ ମୁରଲୀଧର ପ୍ରେମନାଥ ନାୟକ ଓ ଇତିହାସ ଅଧ୍ୟାପିକା ରମାମଣି ସାହୁଙ୍କ ସହାୟତାରେ ଇଂଲିଶରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଲୀନା ପ୍ରଧାନ ଓ ଇତିହାସରେ ସର୍ବୋଚ୍ଚ ନମ୍ବର ରଖିଥିବା ସ୍ନିନୋଜା ଆଚାର୍ଯ୍ୟଙ୍କୁ ମୁଖ୍ୟଅତିଥି ଅର୍ଥ ରାଶି ଦେଇ ପୁରସ୍କୃତ କରିଥିଲେ। ବରିଷ୍ଠ ଅଧ୍ୟାପକ ବସନ୍ତ କୁମାର ପାଣିଗ୍ରାହୀ ଓ ପ୍ରଦୀପ କୁମାର କର ମଞ୍ଚ ପରିଚାଳନା କରିଥିଲେ। ଅଧ୍ୟାପକ ଡ. ଅନିଲ ମିଶ୍ର ଧନ୍ୟବାଦ ଦେଇଥିଲେ।

# ୧୭ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ତାଳଚେର, ୨୦ା୯(ନି.ପ୍ର.)**



ଭାଜପା ପକ୍ଷରୁ ପାଳନ କରାଯାଉଥିବା ସେବା ସପ୍ତାହ ଅବସରରେ ତାଳଚେର ପୌର ପରିଷଦର ସଫେଇ କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲ ତାଳଚେର ଟାଉନ୍ ଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦାନ କରି ସଫେଇ କର୍ମଚାରୀ ନାରାୟଣ ନାଏକ, ଦୁଃଶାସନ ନାଏକ, ବସନ୍ତ ନାଏକ, ମୁଗ ନାଏକ, ପିଣ୍ଟୁ ନାଏକ, ରସାନନ୍ଦ ବେହେରା, ଭାଗଲ ନାଏକଙ୍କ ସମେତ ୧୭ ଜଣଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେବା ସପ୍ତାହ କାର୍ଯ୍ୟକ୍ରମର ସଂଯୋଜକ ପର୍ଶୁରାମ ବାରିକଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଭାଜପା ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ଯଶୋବନ୍ତ ଦାସ, ଜିତେନ୍ଦ୍ର କୁମାର ଦାସ, ଶିବ ପ୍ରସାଦ ନାଏକଙ୍କ ସମେତ ଦଳର ବହୁ କାର୍ଯ୍ୟକର୍ତ୍ତା ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ।

■ପଲିଥିନ ଖୋଜି ପାଉନି ପୌରପାଳିକା

# ଚଢ଼ାଉରୁ ମିଳିଲା ମାତ୍ର ୨ କିଲୋ

**ଅନୁଗୋଳ ଅଫିସ, ୨୦ା୯**

ଅନୁଗୋଳ ସହରରେ ପଲିଥିନ ନିଷେଧ କରାଯାଇଥିଲେ ବି ଏଯାଏ ଲକ୍ଷ୍ୟ ପୂରଣ ହୋଇନାହିଁ। ଏବେ ବି ସହରରେ ଖୋଲାଖୋଲି ଚାଲିଛି ପଲିଥିନ କାରବାର। ଦୋକାନୀମାନେ ବିଭିନ୍ନ ସାମଗ୍ରୀ ଗ୍ରାହକଙ୍କୁ ପଲିଥିନରେ ଦେଉଥିବା ବେଳେ ଉପକଣ୍ଠରେ ଥିବା ଗୋଦାମ ଗୁଡ଼ିକରେ ଟନ ଟନ ପଲିଥିନ ମହଜୁଦ ରଖାଯାଇଥିବା ଚର୍ଚ୍ଚା ହେଉଛି। ହେଲେ ପଲିଥିନ ଖୋଜି ପାଉନି ପୌରସଂସ୍ଥା। ଏପରି କି ଶୁକ୍ରବାର କିଛି ସ୍ଥାନରେ ଚଢ଼ାଉ କରାଯାଇ ମାତ୍ର ୨ କିଲୋଗ୍ରାମ ପଲିଥିନ ସହ ୧୩ଶହ ଟଙ୍କା ଜରିମାନା ଆଦାୟ କରାଯାଇଥିବାରୁ ପୌରପାଳିକାଳର ଆଭିମୁଖ୍ୟ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସହରବାସୀଙ୍କ କହିବା ଅନୁଯାୟୀ, ଅନୁଗୋଳ ସହରରେ ଥିବା ବିଭିନ୍ନ ଗୋଦାମକୁ ଭୋର ସମୟରେ ପଲିଥିନ ଆସୁଛି। ଏପରି କି ପଲିଥିନ ବନ୍ଦ କରିବା ପାଇଁ ପୌରପାଳିକା ପକ୍ଷରୁ ବିଭିନ୍ନ ସମୟରେ ପଦକ୍ଷେପ ନିଆଯାଉଥିଲେ ମଧ୍ୟ ତାହା ଯଥେଷ୍ଟ ହେଉନାହିଁ। ପଲିଥିନ ବ୍ୟାନ ଥିବାବେଳେ ରାତି ପାହିଲେ ବିଭିନ୍ନ ରାସ୍ତା ଘାଟରେ ପୁଳା ପୁଳା ପଲିଥିନ ପରିଲକ୍ଷିତ ହେଉଛି। ଏ ନେଇ ପୌରନିର୍ବାହୀ ଅଧିକାରୀ ଅତିରିକ୍ତ ଦାୟିତ୍ୱରେ ଥିବା ସୁବ୍ରତ କୁମାର ବେହେରା କହିଛନ୍ତି, ବିଭିନ୍ନ ସ୍ଥାନ ଉପରେ ନଜର ରଖାଯାଇଛି। ତେବେ କେଉଁଠାରୁ ଏହା ଆସୁଛି ତାହା ଜାଣିବା ପାଇଁ ଉଦ୍ୟମ ଜାରି ରହି। ବ୍ୟବସାୟୀମାନେ ଧରାପଡ଼ିଲେ ନିୟମ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ଫଟୋରେ ଖବର



ଢେଙ୍କାନାଳ ଜିଲାପାଳ ଏବଂ ଓକିଲ ସଂଘ ମଧ୍ୟରେ ଶୁକ୍ରବାର ବିବାଦ ଘଟଣା ପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ହୋଇଥିବା ଭଙ୍ଗାରୁଜା।



ଓକିଲମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ଗଣଧାରଣାରେ ବସିଛନ୍ତି।

ଧରିତ୍ରୀର ଢେଙ୍କାନାଳ ସଂସ୍କରଣ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୬୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୬୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୭୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଳା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୭୮୯୪୪୬୨୯୧୯, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

## ସଂକ୍ଷେପରେ

### ମୂଲ୍ୟବାନ କାଠ ଜବତ



ସାତମାଇଲ, ୨୦।୯(ଡି.ଏନ୍.ଏ.): ହିନ୍ଦୋଳ ବନାଞ୍ଚଳ କର୍ଣ୍ଣପୁର ବିଟ୍ ଅଧୀନ ବରଡ଼ାପାଳ ଗ୍ରାମ ନିକଟ ଆମ୍ବତୋଟାରୁ ଶୁକ୍ରବାର ମୂଲ୍ୟବାନ କାଠ ଜବତ ହୋଇଛି। ତୋଟାରେ କାଠ କଟାଯାଉଥିବା ସୂଚନା ପାଇ ବନ ବିଭାଗ କର୍ମଚାରୀ ଚଢ଼ାଉ କରିଥିଲେ। କାଠଚୋରମାନେ ଛତ୍ରଭଙ୍ଗ ଦେଇଥିବାବେଳେ ଘଟଣାସ୍ଥଳରୁ ୫୩ ଖଣ୍ଡ ପଟା ଜବତ କରାଯାଇଛି, ଯାହାର ଆନୁମାନିକ ମୂଲ୍ୟ ୫୦ ହଜାର ଟଙ୍କା ହେବ। ବନପାଳ ନବଘନ ମିଶ୍ର, ବନରକ୍ଷୀ ମନୋଜ ବେହେରା, ଶୁଭେନ୍ଦୁ ଭୂୟାଁ, ହାତୀ ସ୍କ୍ୱାଡ୍ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ। ହିନ୍ଦୋଳ ବନାଞ୍ଚଳ ଅଧୀନ ବିଭିନ୍ନ ସଂରକ୍ଷିତ ଜଙ୍ଗଲ ଉପରେ ଚୋରା କାଠ ମାଫିଆଙ୍କ ଲୋଲୁପ ଦୃଷ୍ଟି ପଡିଛି। ସବୁଜ ବନାନୀ ଏବେ ଧ୍ୱଂସ ହେବାକୁ ବସିଛି। ବନ ବିଭାଗ ପକ୍ଷରୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ମଦ୍ୟପ ଗାଡ଼ି ଚାଳକ ଗିରଫ

ଭୁବନ, ୨୦।୯(ଡି.ଏନ୍.ଏ.): ମଦ୍ୟପାନ କରି ଗାଡ଼ି ଚଳାଉଥିବା ଅଭିଯୋଗରେ ଭୁବନ ପୋଲିସ ଶୁକ୍ରବାର ଜଣେ ବାଇକ୍ ଚାଳକଙ୍କୁ ଗିରଫ କରିଛି। ସେ ହେଲେ ବଡ଼କାଠିଆ ଗ୍ରାମର ଅନିଲ ମାହୁନ୍ତ (୨୯)। ତାଙ୍କଠାରୁ ୧୦୦୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଏ ନେଇ ନଂ. ୧୬୮/୧୯ରେ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସ୍ଆଇ ତୁଷାରକାନ୍ତ ନାୟକ ସୂଚନା ଦେଇଛନ୍ତି।

ଚୋରା ବାଇକ୍ ଜବତ, ଅଭିଯୁକ୍ତ ଗିରଫ ଭୁବନ, ୨୦।୯(ଡି.ଏନ୍.ଏ.)-ବାଇକ୍ ଚୋରି କରିଥିବା ଅଭିଯୋଗରେ ଭୁବନ ପୋଲିସ ଜଣେ ଯୁବକଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ଯାଜପୁର ଜିଲା ସୁକିନ୍ଦା ଥାନା ମୁଣ୍ଡାକୁଳ ଗ୍ରାମର ସରୋଜ ଗୁଇଆ (୩୦)। ପୋଲିସ ସୂଚନା ଅନୁଯାୟୀ, ଉଦ୍ଧାର କରାଯାଇଥିବା ବାଇକ୍ ସୁକିନ୍ଦା ଥାନା ବର୍ତ୍ତଣ୍ଡା ଗ୍ରାମର ରବୀନ୍ଦ୍ର ବାରିକଙ୍କର। ଗତ ଅଗଷ୍ଟ ୭ରେ ଭୁବନ କାଳୀବଜାର ଅଞ୍ଚଳରୁ ଗାଡ଼ିଟି ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ନଂ. ୧୮୨/୧୯ରେ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତଙ୍କୁ ବାଇକ୍ ସହ ଠାବ କରାଯାଇଥିଲା। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି।

### ବନ କର୍ମଚାରୀଙ୍କୁ ମାଡ଼, ଜଣେ ଗିରଫ

ଭୁବନ, ୨୦।୯(ଡି.ଏନ୍.ଏ.): ବନ ବିଭାଗ କର୍ମଚାରୀଙ୍କୁ ମାଡ଼ ମାରିବା, ସେମାନେ ବ୍ୟବହାର କରୁଥିବା ଗାଡ଼ି ଭଙ୍ଗାରୁଜା କରିବା ଅଭିଯୋଗରେ ପୋଲିସ ଶୁକ୍ରବାର ଜଣଙ୍କୁ ଗିରଫ କରିଛି। ସେ ହେଲେ କୁଣ୍ଡା ଗ୍ରାମର ରାଘବ ନାୟକ। ଏଥିରେ ସମ୍ପୃକ୍ତ ଜଗନ୍ନାଥ ରାଉତ ଏବଂ ଖଗେଶ୍ୱର ନାୟକ ଫେରାର ଅଛନ୍ତି। ସୂଚନାଯୋଗ୍ୟ, ଗୁରୁବାର ବନ କର୍ମଚାରୀମାନେ କୁଣ୍ଡା ଗ୍ରାମ ଅଭିମୁଖେ ଯାଉଥିଲେ। ଏହି ସମୟରେ ଓଭରଟେକିଂକୁ କେନ୍ଦ୍ର କରି ସମ୍ପୃକ୍ତ ୩ଜଣ ଯୁବକ ବନ କର୍ମଚାରୀଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଗାଡ଼ି ଭଙ୍ଗାରୁଜା କରିବା ସହ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ। ଏ ନେଇ ଫରେଷ୍ଟର କବିତା ବିଶ୍ୱାଳଙ୍କ ଅଭିଯୋଗକ୍ରମେ ଥାନାରେ ନଂ. ୨୧୯/୧୯ରେ ମାମଲା ରୁଜୁ ହୋଇଥିଲା। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପୋଲିସ ସୂତ୍ରରୁ ସୂଚନା ମିଳିଛି।

### ଚୋରି ଟ୍ରକର ସନ୍ଧାନ ମିଳିଲା

ବଡବିଲ, ୨୦।୯(ସ୍ୱ.ପ୍ର.) କେନ୍ଦୁଝର ଜିଲା ବଡବିଲ ଥାନା ଅନ୍ତର୍ଗତ ୧୦ ନମ୍ବର ରାଜ୍ୟ ରାଜପଥ କଡରୁ ଗୁରୁବାର ଭୋର ସମୟରେ ବିନିତ ବନସାଲ ନାମକ ଜଣେ ବ୍ୟକ୍ତିଙ୍କର ଏକ ହାଇଭା ଟ୍ରକ ଚୋରି ହୋଇଥିଲା। ଏ ନେଇ ଅଭିଯୋଗ ହେବା ପରେ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହାମଧ୍ୟରେ ପୋଲିସ ସୁନ୍ଦରଗଡ ଜିଲା କୋଇଡା ଥାନା ଅଞ୍ଚଳର ଛୋଟୁ ଓରଫ୍ ଗୁରୁଦେବ ଗୁପ୍ତାଙ୍କୁ ଗିରଫ କରି ଚୋରିଯାଇଥିବା ଟ୍ରକ ଝାଡଖଣ୍ଡ ରାଜ୍ୟ ପୋଟକା ଥାନା ଅଞ୍ଚଳରେ ଥିବା ସୂଚନା ପାଇଛି। ଉକ୍ତ ଟ୍ରକଟିକୁ ଉଦ୍ଧାର କରିବା ଲାଗି ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଗସ୍ତ କରିଥିବା ଜଣାପଡିଛି।

■ପଞ୍ଚାୟତ ବିକାଶ ଯୋଜନା ସମ୍ପର୍କିତ ତାଲିମ

# ଲିଙ୍ଗଗତ ପ୍ରଭେଦ ହଟିଲେ ବିକାଶ ହେବ

ଢେଙ୍କାନାଳ ଅଫିସ, ୨୦।୯

ଢେଙ୍କାନାଳ ଜିଲା ଯୋରନ୍ଦାସ୍ଥିତ ମହିମାଗାଦି ପାନ୍ଥନିବାସ ପରିସରରେ ଲିଙ୍ଗଗତ ସମ୍ବେଦନଶୀଳତା ପଞ୍ଚାୟତ ବିକାଶ ଯୋଜନା ସମ୍ପର୍କିତ ୩ଦିନିଆ ପ୍ରଶିକ୍ଷଣ ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଐରା'ର ମିଳିତ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବେଗା, ଦଶମାଣପାଟଣା, ବରଦା, ବିଧାରପୁର, ବାଇଁସିଆ ପଞ୍ଚାୟତର ପ୍ଲାନିଂ ୟୁନିଟ୍‌କୁ ତାଲିମ ଦିଆଯାଇଥିଲା। ସମ୍ପୃକ୍ତ ପଞ୍ଚାୟତର ସରପଞ୍ଚ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ୱାର୍ଡମେମ୍ବର, ଗ୍ରାମ ରୋଜଗାର ସେବକ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ସ୍ୱୟଂ ସହାୟକ ଗୋଷ୍ଠୀ ସଭ୍ୟ, ଗ୍ରାମ ସେବକ ପ୍ରମୁଖ ଯୋଗ ଦେଇଥିଲେ।




ତାଲିମ କାର୍ଯ୍ୟକ୍ରମରେ ଭାଗ ନେଇଥିବା ପ୍ରଶିକ୍ଷାର୍ଥୀମାନେ।

ଶିବିରରେ ପ୍ଲାନିଂ କମିଟି ଗଠନ, ସଦସ୍ୟତା ଗ୍ରହଣ, ପ୍ରକଳ୍ପ ପ୍ରସ୍ତୁତି, ଲିଙ୍ଗଗତ ଭେଦଭାବ ମୁକ୍ତ ପଞ୍ଚାୟତ ଗଠନ, ପଲ୍ଲିସଭା, ଗ୍ରାମସଭା, ପଞ୍ଚାୟତ ବୈଠକରେ ମହିଳାଙ୍କ ଯୋଗଦାନ ବଢ଼ାଇବା ସମ୍ପର୍କରେ ତାଲିମ ଦିଆଯାଇଥିଲା। ପ୍ରଳୟ ଦାସ, ଅରୁଣ ମିଶ୍ର ପ୍ରଶିକ୍ଷଣ ଦେଇଥିଲେ। ଶେଷରେ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ସହକାରୀ ପ୍ରକଳ୍ପ ନିର୍ଦ୍ଦେଶିକା ସମାପିକା ଶତପଥୀଙ୍କ ତତ୍ତ୍ୱାବଧାନରେ ସେଚ୍ଛାସେବୀ ଅନୁଷ୍ଠାନର ସଂଯୋଜକ ପ୍ରଦ୍ୟୁମ୍ନ ପଣ୍ଡା, ମିଳନ କଅଁର, ସୁଶାନ୍ତ ପଣ୍ଡା, କିଶୋର ସାହୁ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ଆସନ୍ତା ୨୩ରୁ ୨୫ ତାରିଖ ଯାଏ ଦେଓଗାଁ, ଦିଗାମ୍ବରପୁର, ଗଁଦିଆ, ଗୁଣ୍ଡୁରାପଶି, ଯୋରନ୍ଦା ପଞ୍ଚାୟତ ଲାଗି ତାଲିମ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ଦିଆଯାଇଛି।

■ସମଗ୍ର ଶିକ୍ଷା କାର୍ଯ୍ୟାଳୟରେ ଜାଲିଆତି ଧରାପଡ଼ିଲା

# ଜାଲ ସାର୍ଟିଫିକେଟରେ ଅର୍ଥ ପରାମର୍ଶଦାତା

ଢେଙ୍କାନାଳ ଅଫିସ, ୨୦।୯

ଢେଙ୍କାନାଳ ସମଗ୍ର ଶିକ୍ଷା କାର୍ଯ୍ୟାଳୟର ଅର୍ଥ ପରାମର୍ଶଦାତା ସନ୍ତୋଷ କୁମାର ମହାରଣାଙ୍କ ନାମରେ ଜାଲ୍ ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗ ହୋଇଛି। ରାଜ୍ୟ ଓପେପାର ନିର୍ଦ୍ଦେଶକ୍ରମେ ଜିଲାପାଳ ଘଟଣାର ତଦନ୍ତ କରିଛନ୍ତି। ଅଭିଯୁକ୍ତ ଦାଖଲ କରିଥିବା ମାଟ୍ରିକ୍ ଏବଂ ବାଣିଜ୍ୟ ସ୍ନାତକ ପାସ୍ ସାର୍ଟିଫିକେଟ ଜାଲ ଥିବା ତଦନ୍ତରୁ ଜଣାପଡ଼ିଛି । ଏହାପରେ ସନ୍ତୋଷଙ୍କ ନାମରେ କାର୍ଯ୍ୟାଳୟରେ ଥିବା ଜଏଣ୍ଟ ଏକାଉଣ୍ଟରୁ ତାଙ୍କ ନାମ ହଟାଇ ଦିଆଯାଇଛି। ତାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ସେ ସମ୍ପର୍କରେ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି। ୩୦ଦିନ ମଧ୍ୟରେ ସେ ଉକ୍ତ ନୋଟିସର ଉତ୍ତର ଦେବେ। ଏହାପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଭୂମେଶ ଚନ୍ଦ୍ର ବେହେରା ସୂଚନା ଦେଇଛନ୍ତି।

ସୂଚନା ଅଧିକାର ଆଇନ ବଳରେ ଏପରି ଜାଲିଆତି ସମ୍ପର୍କରେ ଜଣେ ବ୍ୟକ୍ତି ସୂଚନା ପାଇଥିଲେ। ଏ ନେଇ ସେ ଓପେପା ନିର୍ଦ୍ଦେଶକଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟପଟେ ଦୀର୍ଘଦିନ ଧରି ସନ୍ତୋଷ ଏହି ପଦବୀରେ ଥିବା ସତ୍ତ୍ୱେ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ଏହା ଜାଣି ନ ପାରିବା ଆଲୋଚନାର ବିଷୟ ହୋଇଛି। ଏ ସମ୍ପର୍କରେ ଜିଲାପାଳ କୁହନ୍ତି, ବିଭାଗୀୟ ନିର୍ଦ୍ଦେଶ ଆସିବା ପରେ ଏହାର ଖୋଳତାଡ଼ କରାଯାଇଥିଲା। ସେ ଦାଖଲ କରିଥିବା ସାର୍ଟିଫିକେଟ ଆଧାରରେ ସମ୍ପୃକ୍ତ ଶିକ୍ଷାନୁଷ୍ଠାନକୁ ଯୋଗାଯୋଗ କରାଯାଇଥିଲା। ତଦନ୍ତ ରିପୋର୍ଟ ଓପେପାକୁ ପ୍ରଦାନ କରାଯାଇଥିବା ସେ ସୂଚନା ଦେଇଛନ୍ତି।

■କୁନୁଆରେ ଅଜଣା ରୋଗ ଆତଙ୍କ

# ୨୦୦ରୁ ଊର୍ଦ୍ଧ୍ୱ ଗୋରୁ ଆକ୍ରାନ୍ତ

ରାସୋଳ, ୨୦।୯(ଡି.ଏନ୍.ଏ.)

ହିନ୍ଦୋଳ ବ୍ଲକ କୁନୁଆ ପଞ୍ଚାୟତରେ ଅଜଣା ରୋଗରେ ଶତାଧିକ ଗୋରୁ ଆକ୍ରାନ୍ତ ହୋଇଛନ୍ତି। ଧୀରେ ଧୀରେ ରୋଗ ପ୍ରାଦୁର୍ଭାବ ବଢ଼ି ଚାଲିଥିବାବେଳେ ଏହାକୁ ନେଇ ଚାଷୀ ଏବଂ ଗୋରୁ ମାଲିକମାନେ ଚିନ୍ତାରେ ପଡ଼ିଛନ୍ତି।

ରୋଗାକ୍ରାନ୍ତ ଗୋରୁଙ୍କ ନିକଟରେ ଅସ୍ୱାଭାବିକ ଲକ୍ଷଣ ଦେଖାଯାଉଛି। ସେମାନଙ୍କ ଶରୀରର ବିଭିନ୍ନ ସ୍ଥାନରେ ପ୍ରଥମେ ଫୋଟକା ହୋଇଯାଉଛି। ଏହାପରେ ସେଗୁଡ଼ିକ ଫାଟି ଘା' ହୋଇଯାଉଛି। ପାଟିରେ ଘା' ଯୋଗୁ ଗୋରୁମାନେ ଖାଇବା ଛାଡ଼ି ଦେଉଛନ୍ତି। ଦୁର୍ବଳ ହୋଇପଡୁଛନ୍ତି। କେତେକ ସ୍ଥାନରେ ଘା'ରେ ପୋକ ହୋଇଯାଇଥିବା ଦେଖିବାକୁ ମିଳିଛି। ଏ ନେଇ କୁନୁଆ ଗ୍ରାମର ଧୀର ସାମଲ, କୃଷ୍ଣ ସାମଲ, ସୁବାସ ସାମଲ, ତ୍ରିନାଥ ପଟ୍ଟନାୟକ କୁହନ୍ତି, ସମସ୍ୟା ନେଇ ପ୍ରାଣୀଧନ ଚିକିତ୍ସା ବିଭାଗକୁ ଅବଗତ କରାଯାଇଛି। ହେଲେ କେହି ଦୃଷ୍ଟି ଦେଉନାହାନ୍ତି। ବିଭାଗର ଜଣେ ବ୍ୟକ୍ତି ଗାଁ ଗାଁ ବୁଲି ଟିକା ଦେଉଥିବା କହୁଛନ୍ତି। ହେଲେ କୁନୁଆକୁ କେହି ଆସିନାହାନ୍ତି। ମାତ୍ର କିଛିଦିନ ମଧ୍ୟରେ ୨୦୦ରୁ ଊର୍ଦ୍ଧ୍ୱ ଗୋରୁ ରୋଗରେ ଆକ୍ରାନ୍ତ ହୋଇପଡ଼ିଛନ୍ତି। ଅଧିକାଂଶ ଗାଈ, ବଳଦ ମୁମୂର୍ଷୁ ଅବସ୍ଥାରେ ପଡ଼ିଛନ୍ତି। ଖୁବ୍‌ଶୀଘ୍ର ଏଥିପ୍ରତି ଗୁରୁତ୍ୱ ନ ଦେଲେ ଗୋମଡ଼କ ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେମାନେ କହିଛନ୍ତି। ଏ ନେଇ ରାସୋଳ ପ୍ରାଣୀଧନ ଚିକିତ୍ସାଧିକାରୀ ଅଭିଷେକ ସାହୁଙ୍କୁ ତାଙ୍କ ମୋବାଇଲ ନଂ. ୯୪୩୮୫୦୯୯୫ରେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲା। ହେଲେ ସହ ଯୋଗାଯୋଗ ସମ୍ଭବ ହୋଇପାରି ନ ଥିବାରୁ ମତାମତ ମିଳିପାରିନାହିଁ।

# ଶିକ୍ଷା ସଚେତନତା କାର୍ଯ୍ୟକ୍ରମ



କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରମାନେ।

ପରଜଙ୍ଗ, ୨୦।୯(ଡି.ଏନ୍.ଏ.)

ପରଜଙ୍ଗ କଲେଜରେ ଗୁରୁବାର ଶିକ୍ଷାସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରଫେସର ସନାତନ ସାମଲ ଏଥିରେ ଅଧ୍ୟକ୍ଷତା କରିଥିଲେ। ପରିଚାଳନା ପରିଷଦ ସଭାପତି ତଥା ବିଧାୟକ ଡ. ନୃସିଂହଚରଣ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ସମୟାନୁବର୍ତ୍ତୀ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପରିଚଳନା ପରିଷଦ ସଦସ୍ୟ ତଥା ବ୍ଲକ ଅଧ୍ୟକ୍ଷ ଅକ୍ଷୟ କୁମାର ବେହେରା ଉପସ୍ଥିତ ରହି ପିଲାମାନଙ୍କୁ ସେମାନଙ୍କ ଉତ୍ତରଦାୟିତ୍ୱ ସମ୍ପର୍କରେ ଅବଗତ କରାଇଥିଲେ। ପୂର୍ବତନ କଲେଜ ଅଧ୍ୟକ୍ଷ ଡା. ସୁନୀଲ କୁମାର ରଥ ଅନୁଷ୍ଠାନର ଯଶ ଅକ୍ଷୁଣ୍ଣ ରଖିବା ଦିଗରେ ଯତ୍ନବାନ ହେବାକୁ କହିଥିଲେ। ବରିଷ୍ଠ ଇଂଲିଶ ଅଧ୍ୟାପକ ପ୍ରବୋଧ କୁମାର ରଥ ଅନୁଷ୍ଠାନର ସମସ୍ୟା ସମ୍ପର୍କରେ ଅତିଥିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ପ୍ରସନ୍ନ କୁମାର ସାହୁଙ୍କ ସମେତ କଲେଜର ବହୁ କର୍ମଚାରୀ ଏବଂ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଛାତ୍ରୀଙ୍କୁ ବଳାତ୍କାର, ଅଭିଯୁକ୍ତ ଅଟକ

ପରଜଙ୍ଗ, ୨୦।୯(ଡି.ଏନ.ଏ.)

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଞ୍ଚଳର ଜଣେ ୧୦ମ ଶ୍ରେଣୀଙ୍କୁ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାର ଅଭିଯୁକ୍ତ ମଦରଙ୍ଗାମୁଣ୍ଡା ଗ୍ରାମର ସରୋଜ ନାୟକ (୨୨)ଙ୍କୁ ପୋଲିସ ଅଟକ ରଖିଛି। ଏସ୍ଆଇ ସସ୍ମିତା ପାଲଙ୍କ ଉପସ୍ଥିତିରେ ପୀଡ଼ିତାଙ୍କ ଡାକ୍ତରୀମାଇନା କରାଯିବା ସହ ବୟାନ ରେକର୍ଡ କରାଯାଇଛି। ଏସ୍ଆଇ ବ୍ରଜକିଶୋର ମଲ୍ଲିକଙ୍କୁ ଘଟଣାର ତଦନ୍ତ ଦାୟିତ୍ୱ ଦିଆଯାଇଛି। ପୋଲିସ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ମଙ୍ଗଳବାର ସମ୍ପୃକ୍ତା ଛାତ୍ରୀ ବାଡ଼ିପଟୁ ଅମୃତଭଣ୍ଡା ତୋଳୁଥିବାବେଳେ ଅଭିଯୁକ୍ତ ଯୁବକ ତାଙ୍କୁ ଜଙ୍ଗଲକୁ ଟେକି ନେଇ ବଳାତ୍କାର କରିଥିଲେ। ଜୀବନରୁ ମାରିଦେବାକୁ ପଥର ଉଠାଉଥିବାବେଳେ ଛାତ୍ରୀ ଜଣକ ତାଙ୍କୁ ଠେଲିଦେଇ ଖସିଆସିବାକୁ ସକ୍ଷମ ହୋଇଥିଲେ। ଅପରାହ୍ନରେ ସେ ଘରକୁ ଫେରି ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଅବଗତ କରାଇଥିଲେ। ଗ୍ରାମ କମିଟିରେ ଉଭୟ ପକ୍ଷକୁ ଡକାଇ ମାମଲା ସମାଧାନ କରିବାକୁ ଉଦ୍ୟମ କରାଯାଇଥିଲା। ହେଲେ କୌଣସି ନିଷ୍କର୍ଷ ନ ବାହାରିବାରୁ ପୀଡ଼ିତାଙ୍କ ପରିବାର ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି।

# କଲେଜ ଛାତ୍ରୀଙ୍କୁ କମେଣ୍ଟ ମାରି ଛେଚା ଖାଇଲେ ଯୁବକ

ହାଟଡିହୀ, ୨୦।୯(ଡି.ଏନ୍.ଏ.)

କେନ୍ଦୁଝର ଜିଲା ହାଟଡିହୀ ବ୍ଲକସ୍ଥିତ ଏକ ମହାବିଦ୍ୟାଳୟର ଜଣେ କଲେଜ ଛାତ୍ରୀଙ୍କୁ ଜଣେ ଅଣଛାତ୍ର କମେଣ୍ଟ ମାରି ଛେଚା ଖାଇଛନ୍ତି। ଯୁବକ ଜଣକ କମେଣ୍ଟ ମାରିବାରୁ ଛାତ୍ରୀ ଜଣଙ୍କ ଏହାର ପ୍ରତିବାଦ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ଯୁବକ ତାଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିଲେ। ଏନେଇ ଛାତ୍ରୀ ଜଣଙ୍କ ନିଜ ସମ୍ପର୍କୀୟଙ୍କୁ ଜଣାଇବା ପରେ ସ୍ଥାନୀୟ ଲୋକେ ଏକଜୁଟ୍ ହୋଇ ଯୁବକ ଜଣଙ୍କୁ ଧରିଥିଲେ। ତାଙ୍କ ସହ ଥିବା ଅନ୍ୟ ୩ ଜଣ ବି ଧରାପଡି ମାଡଖାଇଥିଲେ। ଶେଷରେ କମେଣ୍ଟ ମାରିଥିବା ଅଣଛାତ୍ର ଭୁଲ ମାଗି ଛାଡ ପାଇଥିଲେ। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ ।

# ଶୃଙ୍ଖଳିତ ହୁଅ, କଠିନ ପରିଶ୍ରମ କର




କାର୍ଯ୍ୟକ୍ରମରେ ଅତିଥିମାନେ।

ଢେଙ୍କାନାଳ ଅଫିସ, ୨୦।୯

ଓଡ଼ାପଡା ବ୍ଲକ ଓପିଏସ୍ ମହାବିଦ୍ୟାଳୟ ଯୁକ୍ତ୩ ଜୀବ ବିଜ୍ଞାନ ବିଭାଗ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଉଦ୍ଭିଦ ବିଜ୍ଞାନ ବିଭାଗ ମୁଖ୍ୟ ମନୋଜ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ କଲେଜ ଅଧ୍ୟକ୍ଷ ଡ. ଶମ୍ଭୁପ୍ରସାଦ ପ୍ରଧାନ ଯୋଗଦେଇ କହିଲେ, ଶୃଙ୍ଖଳା ଏବଂ କଠିନ ପରିଶ୍ରମ ସଫଳତାର ଚାବିକାଠି। ଏହାକୁ ଆଧାର କରି ଲକ୍ଷ୍ୟ ସ୍ଥିର କରିବାକୁ ସେ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଡ. ସୁଚେତା ମିଶ୍ର ଛାତ୍ର ଜୀବନରେ ନୈତିକତାର ମୂଲ୍ୟବୋଧ ଉପରେ ବକ୍ତବ୍ୟ ରଖିଥିଲେ। ସମ୍ମାନିତ ଅତିଥି ଭାବେ ଓପିଏସ୍ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ କପିଳ ଚରଣ ମହାନ୍ତି, ଡ. ରମେଶ ଚନ୍ଦ୍ର ମିଶ୍ର ମଞ୍ଚାସୀନ ଥିଲେ। ପ୍ରାଣୀ ବିଜ୍ଞାନ ଅଧ୍ୟାପିକା କଲ୍ୟାଣୀ ଦାସ, ବସୁନ୍ଧରା ରାଜବଳଙ୍କ ସମେତ ବିଭିନ୍ନ ବିଭାଗର ଅଧ୍ୟାପିକାଅଧ୍ୟାପକ ଉପସ୍ଥିତ ଥିଲେ। ବରିଷ୍ଠ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅଭିନବ ଡାଲୁଆ କାମାକ୍ଷାନଗର ଥାନାଧିକାରୀ

କାମାକ୍ଷାନଗର, ୨୦।୯(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନାର ନୂତନ ଅଧିକାରୀ ଭାବେ ଶୁକ୍ରବାର ଅଭିନବ ଡାଲୁଆ ଯୋଗ ଦେଇଛନ୍ତି। ଏଥିପୂର୍ବରୁ ସେ ଢେଙ୍କାନାଳ ସଦର ଥାନା ଦାୟିତ୍ୱରେ ଥିଲେ। ଗତ ସପ୍ତାହରେ ଜିଲା ପୋଲିସରେ ବ୍ୟାପକ ଅଦଳବଦଳ ହୋଇଥିଲା। ଏଠାରେ କାର୍ଯ୍ୟରତ ଥାନା ଅଧିକାରୀ ନିରଞ୍ଜନ ସେଠୀଙ୍କର କଣ୍ଟାବଣିଆ ଥାନାକୁ ବଦଳି ହୋଇଯାଇଛି। ଦାୟିତ୍ୱ ଗ୍ରହଣ କରିବା ପରେ ସେ ଥାନାର ସମସ୍ତ କର୍ମଚାରୀଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା କରିବା ସହ ଲୋକଙ୍କୁ ନ୍ୟାୟ ଦେବାକୁ ସେ ପରାମର୍ଶ ଦେଇଥିଲେ। ଅଞ୍ଚଳର ଟ୍ରାଫିକ୍ ନିୟନ୍ତ୍ରଣ, ମଦ୍ୟପ ଧରପଗଡ଼, ରୋଡରୋମିଓଙ୍କୁ ଦମନ, ସାଧାରଣ ଲୋକଙ୍କ ସହିତ ସୁସମ୍ପର୍କ ସ୍ଥାପନ ପ୍ରତି ଗୁରୁତ୍ୱ ଦିଆଯିବ ବୋଲି ନୂତନ ଥାନାଧିକାରୀ ସୂଚନା ଦେଇଛନ୍ତି।



# ଆଇନ ସଚେତନତା ଶିବିର




ଶିବିରରେ ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଏବଂ ଅନ୍ୟମାନେ।

ଭୁବନ, ୨୦।୯(ଡି.ଏନ୍.ଏ.)

ଭୁବନସ୍ଥିତ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତ ପକ୍ଷରୁ ସ୍ଥାନୀୟ ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ ପରିସରରେ ଶୁକ୍ରବାର ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. କିଶୋର ଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜେଏମ୍ଏଫ୍‌ସି ଶ୍ରୀଚନ୍ଦନ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଲାଗି ରହିଥିବା ବିଭିନ୍ନ ଆଇନ ସମ୍ପର୍କରେ ଆଲୋକପାତ କରିଥିଲେ। ଦିନକୁ ଦିନ ଛାତ୍ରୀଛାତ୍ରଙ୍କ ଉପରେ ଏସିଡ୍ ମାଡ଼ ଭଳି ଘଟଣା ବୃଦ୍ଧି ପାଇପାରେ ଲାଗିଛି। ଏପରି ଅମାନବୀୟ କାଣ୍ଡ ଘଟାଉଥିବା ବ୍ୟକ୍ତିଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ, ଏସିଡ୍ ପୀଡ଼ିତାଙ୍କ ଲାଗି ରହିଥିବା ଆଇନଗତ ଏବଂ ଆର୍ଥିକ ସହାୟତା ସମ୍ପର୍କରେ ଜେଏମ୍ଏଫ୍‌ସି ବିସ୍ତୃତ ଭାବେ ବୁଝାଇଥିଲେ। ସରକାରୀ ଆଇନଜୀବୀ ମହେନ୍ଦ୍ର କୁମାର ମହାପାତ୍ର, ଓକିଲ ସଂଘ ସଭାପତି ବାବୁଲି ସେଠୀ, ଦିବାକର ଦାସ, କେଶବ ଚନ୍ଦ୍ର ପଣ୍ଡା, ନିରଞ୍ଜନ ଜେଠୀଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। କଲେଜର ଛାତ୍ରୀଛାତ୍ର, ଅଧ୍ୟାପିକାଅଧ୍ୟାପକ ଏବଂ କର୍ମଚାରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ସଂକ୍ଷେପରେ

### ମହିଳା ମହାବିଦ୍ୟାଳୟରେ ଆଲୋଚନାଚକ୍ର

ଅନୁଗୋଳ ଅଫିସ, ୨୦।୯- ମହାତ୍ମା ଗାନ୍ଧୀଙ୍କ ୧୫୦ ତମ ଜନ୍ମ ବାର୍ଷିକୀ ଅବସରରେ ଅନୁଗୋଳ ମହିଳା ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ପକ୍ଷରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ. ସଙ୍ଗୀତା ଦାସ ସଭାପତିତ୍ୱ କରିଥିଲେ। ଅଧାପିକା ଲକ୍ଷ୍ମୀପ୍ରିୟା ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଶିଷ୍ଟ ସର୍ବୋଦୟ ନେତ୍ରୀ କ୍ରିଷ୍ଣା ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମହାତ୍ମା ଗାନ୍ଧୀଙ୍କ ସ୍ୱାଧୀନତା ଆନ୍ଦୋଳନରେ ନାରୀମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭାଗୀୟ ମୁଖ୍ୟ ଅରୁଣା ମିଶ୍ର ମହିଳା ସ୍ୱାଧୀନତା ସଂଗ୍ରାମୀମାନଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀ ଝରଣା ପ୍ରଧାନ ଓ ତୃତୀୟ ବର୍ଷ ଛାତ୍ରୀ ସାଗରିକା ଖିଲାର ନିବନ୍ଧ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାଜନୀତି ବିଜ୍ଞାନର ସମସ୍ତ ଛାତ୍ରୀ ଉପସ୍ଥିତ ଥିଲେ। ଡ. ସବିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

### ମେଡିସିନ ଷ୍ଟୋର ଉପରେ ଚଢ଼ାଉ

ତାଳଚେର, ୨୦।୯(ନି.ପ୍ର.)- ତାଳଚେର ସହର, ଉପଖଣ୍ଡ ଡାକ୍ତରଖାନା ସମ୍ମୁଖ, ହାଟତୋଟା ଓ ହାଣ୍ଡିଧୁଆଁ ଅଞ୍ଚଳରେ ଥିବା କେତେକ ମେଡିସିନ ଷ୍ଟୋର ଉପରେ ଶୁକ୍ରବାର ଅଚାନକ ଚଢ଼ାଉ କରାଯାଇଥିଲା। ଚଢ଼ାଉ ଖବର ପାଇ କେତେକ ବ୍ୟବସାୟୀ ଦୋକାନ ବନ୍ଦ କରି ଦେଇଥିଲେ। ଅନୁଗୋଳ ଡ୍ରଗ ଇନ୍ସପେକ୍ଟର ମୁକ୍ତି ନନ୍ଦା ଶତପଥୀ ଓ ଅବକାରୀ ଇନ୍ସପେକ୍ଟର ସ୍ନେହଲତା ନାଏକ ମିଳିତ ଭାବେ ଏହି ଚଢାଉ କରିଥିଲେ। ତାଳଚେର ଅଞ୍ଚଳରେ ବ୍ୟାପକ କୋରେକ୍ସ କାରବାର ଅଭିଯୋଗରେ ଏହି ଚଢାଉ କରାଯାଇଥିଲା। ହେଲେ କୌଣସି ଦୋକାନରୁ କୋରେକ୍ସ କିମ୍ବା ଆପତ୍ତିଜନକ କାଗଜପତ୍ର ମିଳି ନ ଥିବା ଡ୍ରଗ ଇନ୍ସପେକ୍ଟର ପ୍ରକାଶ କରିଛନ୍ତି।

### ଆବର୍ଜନାରେ ଭର୍ତ୍ତି ରାଜୀବ ଗାନ୍ଧୀ ସେବାକେନ୍ଦ୍ର

କଣିହାଁ, ୨୦।୯(ଡି.ଏନ.ଏ.)- କଣିହାଁ ବ୍ଲକ କାର୍ଯ୍ୟାଳୟ ନିକଟରେ ଥିବା ଭାରତ ନିର୍ମାଣ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଅବ୍ୟବହୃତ ହୋଇ ପଡିରହିଛି। ଏହାକୁ କୌଣସି କାର୍ଯ୍ୟରେ ଲଗାଯାଉ ନ ଥିବାରୁ ଏହା ଚାରିପାଖ ଲଟାବୁଦା, ଅଳିଆ ଆବର୍ଜନାରେ ଭର୍ତ୍ତି ହୋଇରହିଛି। ୧୦ ବର୍ଷ ପୂର୍ବରୁ ଏହି କେନ୍ଦ୍ରର ନିର୍ମାଣ ସରିଛି। ଏଥିପାଇଁ ୨୦ ଲକ୍ଷ ଟଙ୍କା ମଧ ବ୍ୟୟ ହୋଇଛି। ହେଲେ ଏହାକୁ କାମରେ ଲଗା ନ ଯିବାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ଏହି କେନ୍ଦ୍ରର ମରାମତି କରାଯିବାକୁ ଦାବି ହୋଇଛି। ଏ ସମ୍ପର୍କରେ ବିଡିଓ ରମେଶ କୁମାର ଜେନା କହିଛନ୍ତି, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଭଙ୍ଗାଯାଇ ନିର୍ମାଣ କରାଯିବା ପର୍ଯ୍ୟନ୍ତ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ଉକ୍ତ କାର୍ଯ୍ୟାଳୟ ଚାଲିବ ବୋଲି ନିଷ୍ପତ୍ତି ନିଆଯାଇଛି। ଆସନ୍ତା ମଙ୍ଗଳବାର ସୁଦ୍ଧା ଏହି ସେବାକେନ୍ଦ୍ର କାର୍ଯ୍ୟକ୍ଷମ ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ■ଜାତୀୟ ରାଜପଥ ସମ୍ପ୍ରସାରଣ ବେଳେ ଭୁଶୁଡ଼ିଲା କାନ୍ଥ

# ୮ ଆହତ, ୩ ଗୁରୁତର






ଜେସିବି ସହାୟତାରେ ଘର ଭଙ୍ଗା ଯାଉଛି।

**କାମାକ୍ଷାନଗର, ୨୦।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଥାନା ବଡସୁଆଁଳ ଗ୍ରାମ ନିକଟ ଦେଇ ଯାଇଥିବା ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣବେଳେ ଶୁକ୍ରବାର ଅଭାବନୀୟ ଘଟଣା ଘଟିଛି। ଜେସିବି ସହାୟତାରେ ଉଚ୍ଛେଦ କାର୍ଯ୍ୟ ଚାଲିଥିବାବେଳେ କାନ୍ଥ ଭୁଶୁଡ଼ି ଦୁଇ ପରିବାରର ୮ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ଲଙ୍କାକାଣ୍ଡ ଘଟାଇଛନ୍ତି। ସେମାନେ ଏକ ଜେସିବିକୁ ପୋଡ଼ି ଦେଇଛନ୍ତି। ପରିସ୍ଥିତି ନିୟନ୍ତ୍ରଣ କରିବାକୁ ଘଟଣାସ୍ଥଳରେ ପହଞ୍ଚିଥିବା ପୋଲିସ ଗାଡ଼ିକୁ ମଧ ସେମାନେ ଭଙ୍ଗାରୁଜା କରିଛନ୍ତି। ଆହତଙ୍କୁ କ୍ଷତିପୂରଣ ଏବଂ ପ୍ରଶାସନ ପକ୍ଷରୁ ସମସ୍ତ ଚିକିତ୍ସା ସହାୟତା ଦାବିରେ ଅଞ୍ଚଳବାସୀ ଜାତୀୟ ରାଜପଥ ଅବରୋଧ କରିଥିଲେ।

ଅଭିଯୋଗ ଅନୁଯାୟୀ, ବଡସୁଆଁଳ ଗ୍ରାମ ଦେଇ ଯାଇଥିବା ୫୩ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ ଲାଗି ଏନ୍ଏସି ପକ୍ଷରୁ ଶୁକ୍ରବାର ସନ୍ଧ୍ୟାରେ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ପୂର୍ବରୁ ୧୦୦ ମିଟର ପର୍ଯ୍ୟନ୍ତ ଉଚ୍ଛେଦ କରିବାକୁ ସୀମା ନିର୍ଦ୍ଧାରଣ କରାଯାଇଥିଲା। ହେଲେ ପ୍ରଶାସନ ପକ୍ଷରୁ ୧୨୦ ମିଟର ଯାଏ ନିର୍ମାଣ ଭଙ୍ଗା ଯାଇଥିଲା। ଲୋକଙ୍କ ଅଗୋଚରରେ ହଠାତ୍ ଉଚ୍ଛେଦ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ସମୟରେ ଏକ ଘର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ବଦ୍ରିପ୍ରିୟା ଖଟୁଆ (୩୨), ବବିତା ଖଟୁଆ (୩୫), କାଜଲ ଖଟୁଆ (୧୬), ନୀଳିମା ଖଟୁଆ (୧୨), ଖୁସି ଖଟୁଆ (୧୩), ଲୁଇ ଖଟୁଆ (୧୧), ଦୀପୁନ ଖଟୁଆ (୯), କ୍ରିଷ୍ଣା ଖଟୁଆ ପ୍ରମୁଖ ଏଥିରେ ଚାପି ହୋଇଯାଇଥିଲେ। ସୌଭାଗ୍ୟରୁ ସମସ୍ତେ ଏକ ବିମ୍ ତଳେ ରହିଯିବାରୁ ଅଳ୍ପକେ ସମସ୍ତଙ୍କ ଜୀବନ ବଞ୍ଚି ଯାଇଛି। ନୀଳିମା, ଦୀପୁନ, କ୍ରିଷ୍ଣାଙ୍କ ଅବସ୍ଥା ଗୁରୁତର ରହିଛି। କେତେକଙ୍କ ଆଭ୍ୟନ୍ତରୀଣ ଅଙ୍ଗରେ କ୍ଷତ ସୃଷ୍ଟି ହୋଇଛି। ସମସ୍ତଙ୍କୁ ପ୍ରଥମେ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟ ଏବଂ ପରେ ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି। ସୂଚନାପାଇ ତହସିଲଦାର ସୁଧାଂଶୁ କୁମାର ମହାନ୍ତି, ଅତିରିକ୍ତ ତହସିଲଦାର ଅନୁପମା ମୁର୍ମୁ, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଉତ୍ତ୍ୟକ୍ତ ଲୋକେ ପୋଲିସ ଗାଡ଼ି ଭଙ୍ଗାରୁଜା କରିବା ସହ ଏକ ଜେସିବିରେ ନିଆଁ ଲଗାଇ ଦେଇଥିଲେ। ଏଥିସହ ଅନ୍ୟ ଏକ ଜେସିବିକୁ ଭାଙ୍ଗି ଦେଇଥିଲେ। ପରିସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲିଯାଉଥିବା ଦେଖି ଏନ୍ଏଚ୍ଏଆଇର କର୍ମଚାରୀମାନେ ଛତ୍ରଭଙ୍ଗ ଦେଇଥିଲେ। ଘଟଣାକୁ ନେଇ ଗ୍ରାମରେ ଚାପା ଉତ୍ତେଜନା ଲାଗିରହିଛି। ଖବର ଲେଖାଯିବା ସୁଦ୍ଧା ଲୋକମାନେ ବଡସୁଆଁଳଠାରେ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ସେମାନେ ଦାବି କରିଛନ୍ତି ଯେ, ବିନା ସୂଚନାରେ ଅଧିକ ୨୦ ମିଟର ଯାଏ ଉଚ୍ଛେଦ କରାଯାଇଛି। ଏହା ବେଆଇନ। କେତେ ମିଟର ଉଚ୍ଛେଦ ହେବ ପ୍ରଥମେ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଉ। ଏହାପରେ ଉଚ୍ଛେଦ କରାଯାଉ। ନଚେତ୍ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଅନ୍ୟପଟେ ରାତି ୯ଟା ସୁଦ୍ଧା ସମାଧାନର ସୂତ୍ର ବାହାରିପାରିନାହିଁ। ଶନିବାର ପୂର୍ବାହ୍ନ ସାଢ଼େ ୧୦ଟାରେ ପ୍ରଶାସନ, ରାସ୍ତା ନିର୍ମାଣକାରୀ ଠିକାସଂସ୍ଥା, ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ, ଅଞ୍ଚଳବାସୀ ମିଳିତ ବୈଠକ ବସିବ। ଏହାପରେ ସମାଧାନର ସୂତ୍ର ବାହାରିବ ବୋଲି ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ରାସ୍ତାରୋକୋ ହଟିଥିଲା।

■ଉତ୍ତ୍ୟକ୍ତ ଲୋକଙ୍କ ଲଙ୍କାକାଣ୍ଡ
■ପୋଲିସ ଗାଡ଼ି ଭଙ୍ଗାରୁଜା
■ଜାଳିଦେଲେ ଜେସିବି, ରାସ୍ତାରୋକୋ



ଉତ୍ତ୍ୟକ୍ତ ଲୋକେ ଜେସିବି ଜାଳି ଦେଉଛନ୍ତି।



ଗୁରୁତର ଆହତମାନେ।

## ଟ୍ରକ୍ ଧକ୍କାରେ କାର୍ ଚାଳକ ମୃତ



**ବଇଣ୍ଡା, ୨୦।୯(ଡି.ଏନ.ଏ.)**

କଟକ-ସମ୍ବଲପୁର ୫୫ ନମ୍ବର ଜାତୀୟ ରାଜପଥର ହଣ୍ଡପା ଥାନା ପାଗବନ୍ଧା ନିକଟରେ ଶୁକ୍ରବାର ସକାଳେ ଏକ କାର୍ ଓ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ କାର୍ ଚାଳକ ଭଦ୍ରକ ଜିଲା ଫତେପୁର ଅଞ୍ଚଳର ଦୀପକ ସ୍ୱାଇଁଙ୍କ ମୃତ୍ୟୁ ହୋଇଥିବାବେଳେ ତାଙ୍କ ସହଯୋଗୀ ସେହି ଗ୍ରାମର ସୁବ୍ରତ ସ୍ୱାଇଁ ଗୁରୁତର ହୋଇଛନ୍ତି। ଗୁରୁତରଙ୍କୁ ସ୍ଥାନୀୟ ଗ୍ରାମବାସୀ ଓ ପୋଲିସ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ପୋଲିସ କହିଛି, ଧୂପକାଠି ବ୍ୟବସାୟୀ ଦୀପକ ଓ ସୁବ୍ରତ ଧୂପକାଠି ବୋଝେଇ କରି କାର୍‌ରେ(ନଂ. ଓଡ଼ି ୦୨ ଏଡି ୮୫୭୪)ରେ ଯାଉଥିବାବେଳେ ଅନୁଗୋଳରୁ ସମ୍ବଲପୁର ଅଭିମୁଖେ ଆସୁଥିବା ଏକ ଦ୍ରୁତଗାମୀ ଟ୍ରକ୍ (ଓଡ଼ି ୩୩ ସି ୬୯୩୪) ସହ ଧକ୍କା ହୋଇଥିଲା। ହଣ୍ଡପା ପୋଲିସ ଗାଡ଼ି ଦୁଇଟିକୁ ଜବତ କରିବା ସହ ନଂ. ୧୬୩/୧୯ରେ ଏକ ମାମଲା ରୁଜୁ କରିଛି।

## ମହିଳାଙ୍କୁ ହାଣି ହତ୍ୟା, ଅଭିଯୁକ୍ତ ଗିରଫ

**ପାଲଲହଡ଼ା, ୨୦।୯(ଡି.ଏନ.ଏ.)**

ପାଲଲହଡ଼ା ଥାନା ଈଶ୍ୱରନଗର ପଞ୍ଚାୟତ ସୋଲଡା ଗ୍ରାମର ଜଣେ ବିଧବା ମହିଳା ଗୁବେଇ କୁଙ୍କାଲ(୩୬)ଙ୍କୁ ଟାଙ୍ଗିଆରେ ହାଣି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ଘଟଣାରେ ସେହି ଗ୍ରାମର ସୁକୁଦାର ସୋରେନଙ୍କୁ ପୋଲିସ ଗିରଫ କରିଛି। ପୋଲିସ କହିଛି, ଗୁବେଇ ଶୁକ୍ରବାର ସନ୍ଧ୍ୟାରେ ଘର ସମ୍ମୁଖରେ ବସିଥିବା ବେଳେ ସୁକୁଦାର ତାଙ୍କୁ ଆକ୍ରମଣ କରିଥିଲେ। ତେବେ ହତ୍ୟାକାଣ୍ଡର କାରଣ ଜଣାପଡିନାହିଁ। ଘଟଣା ପରେ ଜଙ୍ଗଲରେ ଲୁଚିଥିବାବେଳେ ପୋଲିସ ସୁକୁଦାରଙ୍କୁ ଗିରଫ କରିଥିଲା। ତଦନ୍ତ ପରେ ହତ୍ୟାକାଣ୍ଡର କାରଣ ଜଣାପଡିବ।

## ୨ ମହିଳା ମୃତ, ଜଣେ ଗୁରୁତର




ଦୁର୍ଘଟଣାଗ୍ରସ୍ତ ଅଟୋ ଏବଂ ଟ୍ରକ୍।

**ପବିତ୍ରନଗର, ୨୦।୯(ଡି.ଏନ.ଏ.)**

ଅନୁଗୋଳ ଜିଲା ୧୪୯ ନଂ ଜାତୀୟ ରାଜପଥର କଣିହାଁ ବ୍ଲକ ସମଲ ଥାନା ବୁରୁକୁନା ପଞ୍ଚାୟତ ନାଇକାନାଳୀ ଛକଠାରେ ଶୁକ୍ରବାର ଅପରାହ୍ନରେ ଏକ ଟ୍ରକ୍ ଓ ଅଟୋ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଅଟୋରେ ଥିବା ୨ ମହିଳାଙ୍କ ମୃତ୍ୟୁ ଘଟିଛି। ସେହପରି ଅନ୍ୟ ଜଣେ ଗୁରୁତର ହୋଇଥିବାବେଳେ ଆଉ ୪ ଜଣ ଆହତ ହୋଇଛନ୍ତି। ମୃତା ମହିଳା ଦ୍ୱୟ ହେଲେ ପରଜଙ୍ଗ ଥାନା ଅଞ୍ଚଳର ଶାନ୍ତି ବେହେରା ଓ ଗୋଲାପ ବେହେରା। ଆହତମାନଙ୍କୁ ତାଳଚେର ଉପଖଣ୍ଡ ଚିକିତ୍ସାଳୟ ଓ ଅନୁଗୋଳ ଡାକ୍ତରଖାନାକୁ ପଠାଯାଇଛି। ଅପରାହ୍ନ ପ୍ରାୟ ୪ଟାରେ ଅଟୋଟି (ନଂ. ଓଡି ୩୫ ଏ ୯୮୪୧) ଶରଧାପୁର ଆଡୁ ପିଡିରି ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟ୍ରକ୍ (ନଂ ଓଆର ୦୪ ଏଚ ୯୩୯୩) ସହ ଧକ୍କା ହୋଇଥିଲା। ସମଲ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଚାଳକ ଫେରାର ଥିବା ବେଳେ ଟ୍ରକ୍ ହେଲପରକୁ ପୋଲିସ ଅଟକ ରଖିଛି। ଏ ସଂକ୍ରାନ୍ତରେ ସମଲ ଥାନାରେ ନଂ. ୧୨୬/୧୯ରେ ଏକ ମାମଲା ରୁଜୁ ହୋଇଛି। ୨ ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ଉପଖଣ୍ଡ ମେଡିକାଲକୁ ପଠାଇ ଦିଆଯାଇଛି।

**ଅଟୋ-ଟ୍ରକ୍ ମୁହାଁମୁହିଁ ଧକ୍କା**

## ■ଫି ବୃଦ୍ଧିକୁ ଜୋରଦାର ବିରୋଧ

# କଲେଜ ଗେଟ୍‌ରେ ତାଲା



ଛାତ୍ରୀଛାତ୍ରମାନେ କଲେଜ ସମ୍ମୁଖରେ ଆନ୍ଦୋଳନ କରୁଛନ୍ତି।

**ତାଳଚେର, ୨୦।୯(ନି.ପ୍ର.)**

ରି ଆଡମିଶନ ଫି ବୃଦ୍ଧି ପ୍ରତିବାଦରେ ଶୁକ୍ରବାର ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ଯୁକ୍ତ ୨ ଛାତ୍ରୀଛାତ୍ରମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ। ଫଳରେ ଦୀର୍ଘ ସମୟ ଧରି କଲେଜ ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗତବର୍ଷ ରି ଆଡମିଶନ ଫି ୨୭ ଶହ ଟଙ୍କା ଥିଲା। ହେଲେ ଚଳିତବର୍ଷ କଲେଜ କର୍ତ୍ତୃପକ୍ଷ ଏଥିରେ ୧୩ ଶହ ଟଙ୍କା ବୃଦ୍ଧି କରିଛନ୍ତି, ଯାହାକୁ ନେଇ ଅଶାନ୍ତି ଦେଖା ଦେଇଥିଲା। ପୂର୍ବାହ୍ନରେ ଛାତ୍ରୀଛାତ୍ରମାନେ ଶ୍ରେଣୀ ବର୍ଜନ କରି କଲେଜର ୨ଟି ଫାଟକରେ ତାଲା ପକାଇ ଦେବା ସହ କଲେଜ ପରିସରକୁ କାହାରିକୁ ଛାଡି ନ ଥିଲେ। ପରେ ୧୦ ଜଣ ଛାତ୍ରନେତା ତାଳଚେର ଉପଜିଲାପାଳଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ହଠାତ ଏତେ ଟଙ୍କା ବୃଦ୍ଧି କରାଯିବା ଯୋଗୁ ବହୁ ଛାତ୍ରୀଛାତ୍ର ହଇରାଣ ହରକତ ହେବେ ବୋଲି ସେମାନେ ଅଭିଯୋଗ କରିଥିଲେ। ତୁରନ୍ତ ବର୍ଦ୍ଧିତ ଫି ପ୍ରତ୍ୟାହାର କରିନେବାକୁ ସେମାନେ ଦାବି କରିଥିଲେ। କଲେଜ କର୍ତ୍ତୃପକ୍ଷ ବୁଝାଶୁଝା କରିବା ପରେ ଛାତ୍ରୀଛାତ୍ରମାନେ ଅପରାହ୍ନରେ ଆନ୍ଦୋଳନରୁ ଓହରିଥିଲେ।

# ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଚାପିଦେଲା ଟ୍ରକ୍

**ଅନୁଗୋଳ ଅଫିସ, ୨୦।୯**

ଅନୁଗୋଳ ସହର ନିକଟସ୍ଥ କୁମଣ୍ଡ-ଜରାସିଂହା ରାସ୍ତାରେ ଶୁକ୍ରବାର ଅପରାହ୍ନ ୧ଟାରେ ଘଟିଛି ଦୁର୍ଘଟଣା। ନୋଏଣ୍ଟ୍ରି ବେଳେ ଚଳାଚଳ କରୁଥିବା ଏକ ଦଶଚକିଆ ଟ୍ରକ୍ ଚଢ଼ିଯିବାରୁ ସ୍ଥାନୀୟ ନୋଡାଲ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ ଆଞ୍ଚଲ ସାହୁ(୧୫)ଙ୍କ ମୃତ୍ୟୁ ହୋଇଛି। ଦୁର୍ଘଟଣାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ଦେଖାଦେଇଥିଲା। ସେମାନେ ଦୁର୍ଘଟଣା ଘଟାଇ ପଳାଇଯାଉଥିବା ଟ୍ରକ୍‌କୁ ଅଟକାଇବା ସହ ଚାଳକଙ୍କୁ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଉକ୍ତ ରାସ୍ତାରେ ଟ୍ରକ୍ ଚଳାଚଳ ନିଷେଧ କରାଯାଇଥିଲେ ବି କିପରି ଭାରିଯାନ ଚଳାଚଳ କରୁଛି ବୋଲି ସେମାନେ ପ୍ରଶ୍ନ କରିଥିଲେ। ଏଥିସହ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ମୃତ ଛାତ୍ରୀଙ୍କ ପରିବାରରୁ ଜଣଙ୍କୁ ନିକଟସ୍ଥ ଏକ କମ୍ପାନୀରେ ନିଯୁକ୍ତି ଦାବି କରି ରାସ୍ତା ଅବରୋଧ କରିଥିଲେ। ପୋଲିସ ଓ ପ୍ରଶାସନିକ ଅଧିକାରୀମାନେ ଦୀର୍ଘ ସମୟ ଧରି ବୁଝାଶୁଝା କରିବା ସହ କ୍ଷତିପୂରଣ ସମ୍ପର୍କରେ ଆଲୋଚନା କରିବା ପରେ ରାତିରେ ରାସ୍ତାରୋକୋ ହଟିଯାଇଥିଲା।

ପ୍ରକାଶ ଯେ, କୁମଣ୍ଡସ୍ଥିତ ଅରୁଣ ସାହୁଙ୍କ ଝିଅ ଆଞ୍ଚଲ ସ୍ଥାନୀୟ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପ୍ରି-ଟେଷ୍ଟ ପରୀକ୍ଷା ଦେଇ ଅପରାହ୍ନରେ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ନିଶା ଥାନା ଅଞ୍ଚଳରୁ ଅନୁଗୋଳ ସହର ଆଡ଼କୁ ଦ୍ରୁତଗତିରେ ଆସୁଥିବା ଏକ ଦଶଚକିଆ ଟ୍ରକ୍ (ନଂ. ଓଡି୦୯ଏନ୍-୩୦୭୧) ଆଞ୍ଚଳଙ୍କୁ ଧକ୍କା ଦେଇ ପଳାଇ ଯାଇଥିଲା। ସ୍ଥାନୀୟ ଲୋକେ ଉକ୍ତ ଟ୍ରକ୍‌ର ପିଛା କରି ଅଟକାଇବା ସହ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଚାଳକଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼ ମାରିଥିଲେ। ସ୍କୁଲ କର୍ମଚାରୀ, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଗୁରୁତର ଛାତ୍ରୀଙ୍କୁ ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପୂର୍ବତନ ସିଡିଏମ୍‌ଓ ପ୍ରତାପ କୁମାର ବେହେରା, ଏଡିଏମ୍‌ଓ ମେଡିକାଲ ଡା. ଲକ୍ଷ୍ମୀ ନାରାୟଣ ବିଶୋଇ, ସର୍ଜରୀ ଡାକ୍ତର ସୁଶାନ୍ତ ପଣ୍ଡା ପ୍ରମୁଖ ଛାତ୍ରୀଙ୍କ ଜୀବନ ରକ୍ଷା ପାଇଁ ପାରୁପର୍ଯ୍ୟନ୍ତ ଚେଷ୍ଟା କରିଥିଲେ। ହେଲେ କଟକ ପଠାଇବା ପୂର୍ବରୁ ଚିକିତ୍ସାଧୀନ ଅବସ୍ଥାରେ ଛାତ୍ରୀଙ୍କ ମୃତ୍ୟୁ ହୋଇଯାଇଥିଲା। ଏହି ଖବର ପାଇବା ପରେ କୁମଣ୍ଡ ସାହୁପଡ଼ା ଛକରେ ଉତ୍ତ୍ୟକ୍ତ ଲୋକମାନେ ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଦିନବେଳା ଉକ୍ତ ରାସ୍ତାରେ ଭାରିଯାନ ଚଳାଚଳ ବନ୍ଦ ଥିବା ସତ୍ତ୍ୱେ ଟ୍ରକ୍ ଚଳାଚଳ କରୁଥିବାରୁ ଲୋକେ ଅଧିକ ଉତ୍ତ୍ୟକ୍ତ ହୋଇପଡ଼ିଥିଲେ। ଖବରପାଇ ଗୋଟିଏ ପ୍ଲାଟୁନ ଫୋର୍ସ ସହ ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ଏସ୍‌ଡିପିଓ ଅଶ୍ୱିନୀ ସାହୁ, ବଅଁରପାଳ ତହସିଲଦାର ଜିତେନ୍ଦ୍ର ସାହୁ, ନିରୋଜ ଦାସଙ୍କ ସହ ସ୍ଥାନୀୟ ଏକ କମ୍ପାନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ରେଡକ୍ରସ ପକ୍ଷରୁ ମୃତ ଛାତ୍ରୀଙ୍କ ପରିବାରକୁ ୧୦ ହଜାର ଟଙ୍କାର ସହାୟତା ଦିଆଯାଇଥିଲା। ଏଥିସହ ନିକଟରେ ଥିବା ଏକ କମ୍ପାନୀ କର୍ତ୍ତୃପକ୍ଷ ୧ ଲକ୍ଷ ଟଙ୍କା ଓ ଗାଡ଼ି ମାଲିକ କିଛି ସହାୟତା ଦେବେ ବୋଲି ଆଲୋଚନା ହେବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା। ଏହାପରେ ରାତିରେ ଅନୁଗୋଳ ମେଡିକରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା।

■କ୍ଷତିପୂରଣ ଦାବିରେ ରାସ୍ତାରୋକୋ
■ଚାଳକଙ୍କୁ ଖୁଣ୍ଟରେ ବାନ୍ଧି ମାଡ଼
■ରାତିରେ ହେଲା ଶବ ବ୍ୟବଚ୍ଛେଦ



ଉତ୍ତ୍ୟକ୍ତ ଲୋକେ ଟାୟାର ଜାଳି ରାସ୍ତାରୋକୋ କରିଛନ୍ତି।

**ନୋଏଣ୍ଟ୍ରି ବେଳେ ଚାଲୁଛି ଭାରିଯାନ**

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ, ଶନିବାର, ୨୧ ସେପ୍ଟେମ୍ବର /୨୦୧୯, Dhenkanal, Saturday, September 21 / 2019

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ବାସୁଦେବପୁର, ୨୦।୯ (ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ହାଇସ୍କୁଲ ଛକ ନିକଟ ଏକ ଉଠାଦୋକାନରେ ଫଳ ବ୍ୟବସାୟ କରୁଥିବା ପ୍ରଫୁଲ୍ଲ ଓରଫ୍ ବାପି ବେହେରା(୨୪)ଙ୍କର ଶୁକ୍ରବାର ସନ୍ଧ୍ୟାରେ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତକଙ୍କ ଘର ଜାମୁଝାଡ଼ି ବାଟି ଗ୍ରାମରେ। ଦୋକାନରେ ବସି ବାପି ଏକ ବିଦ୍ୟୁତ୍ ପ୍ଲଗ ସଜାଡୁଥିବା ବେଳେ ଅସାବଧାନତାବଶତଃ ତାଙ୍କ ଦେହରେ ବିଦ୍ୟୁତ୍ ତାର ଲାଗିଯାଇଥିଲା। ତୁରନ୍ତ ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପାଇଁ ମୃତଦେହ ବାସୁଦେବପୁର ଡାକ୍ତରଖାନାରେ ରଖାଯାଇଛି।

### ତମାଖୁ ଦୋକାନୀଙ୍କଠାରୁ ଜରିମାନା ଆଦାୟ

**ପାଟଣା,୨୦।୯(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ବଜାର, ମଲ୍ଲୀପଶି ବଜାର, ସାହାରପଡା ବ୍ଲକ ମୁଖ୍ୟାଳୟ ବଜାର ଓ ଉଦୟପୁର ବଜାରର ବିଭିନ୍ନ ପାନ ଦୋକାନ, ଭେରାଇଟି ଷ୍ଟୋର ଓ ଚା' ଷ୍ଟଲ ଉପରେ ଶୁକ୍ରବାର ଜିଲା ତମାଖୁ ନିରୋଧ ବିଭାଗ ତରଫରୁ ଚଢ଼ାଉ କରାଯାଇଥିଲା। ଜିଲା ଏନ୍‌ଟିସିପି କନସଲଣ୍ଟାଣ୍ଟ ସୁଜାତା କବିଙ୍କ ନେତୃତ୍ୱରେ ହୋଇଥିବା ଏହି ଚଢ଼ାଉରେ ଡ୍ରଗ ଇନ୍ସପେକ୍ଟର ସଞ୍ଜୟ କୁମାର ହାଁସଦା, ଫୁଡ୍ ଇନ୍ସପେକ୍ଟର ରଶ୍ମିତା ବେହେରା, ଅବକାରୀ ଇନ୍ସପେକ୍ଟର ନିମାଇଁ ଚରଣ ସିଂ ଓ ପାଟଣା ଥାନା ଏଏସଆଇ ମହେଶ୍ୱର ମୁଣ୍ଡା ପ୍ରମୁଖ ସାମିଲଥିଲେ। ବେଆଇନ ଭାବେ ତମାଖୁ ଜାତୀୟ ଦ୍ରବ୍ୟ ବିକ୍ରି କରୁଥିବା ଦୋକାନୀଙ୍କଠାରୁ ସଚେତନତା ଉଦ୍ଦେଶ୍ୟରେ ଜଣ ପିଛା ୨୦୦ଟଙ୍କା କରି ଜରିମାନା ଆଦାୟ କରାଯାଇଥିଲା।

### ବାଇକ୍ ଡିକି ଭାଙ୍ଗି ଦେଢ଼ଲକ୍ଷ ଟଙ୍କା ଲୁଟ୍

**ପାଟଣା/ଢେଙ୍କିକୋଟ, ୨୦।୯(ସ୍ୱ.ପ୍ର./ଡି.ଏନ.ଏ.)** କେନ୍ଦୁଝର ଜିଲା ପାଟଣା ବ୍ଲକ ତୁରୁମୁଙ୍ଗା ଦେଇ ଯାଇଥିବା ୪୯ ନମ୍ବର ଜାତୀୟ ରାଜପଥର ଏକ କମ୍ପାନୀ ଶୋ' ରୁମ ନିକଟରୁ ଶୁକ୍ରବାର ଅପରାହ୍ନରେ ଜଣେ ବ୍ୟକ୍ତିଙ୍କ ବାଇକ ଡିକି ଭାଙ୍ଗି ଦେଢ଼ଲକ୍ଷ ଟଙ୍କା ଲୁଟ ହୋଇଛି। ଏ ନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ ହେବା ପରେ ପୋଲିସ ତନାଘନା ଆରମ୍ଭ କରିଛି। ତୁରୁମୁଙ୍ଗା ଥାନା ରାଜନଗର ଗ୍ରାମର ପ୍ରଭାତ ରଣା ତୁରୁମୁଙ୍ଗା ସ୍ଥିତ ବ୍ୟାଙ୍କ ଅଫ ଇଣ୍ଡିଆରୁ ଅପରାହ୍ନରେ ଟଙ୍କା ଉଠାଇଥିଲେ। ପରେ ବାଇକ୍‌ରେ ରଖି ଟଙ୍କା ରଖି ଏକ ମାଂସ ଦୋକାନରୁ ମାଂସ କିଣୁଥିବା ବେଳେ କେହି ଦୁର୍ବୃତ୍ତ ଡିକି ଭାଙ୍ଗି ଦେଢ଼ ଲକ୍ଷ ଟଙ୍କା ସହ ବ୍ୟାଙ୍କ ପାସ ବହି, ୪ ଟି ଏଟିଏମ କାର୍ଡ, ପ୍ୟାନ କାର୍ଡ ଓ ଗୋଟାଏ ପୋଷ୍ଟାଲର ପିଏଲ ବହି ଲୁଟି ନେଇଥିବା ତୁରୁମୁଙ୍ଗା ଥାନାରେ ଅଭିଯୋଗ ହୋଇଛି। ଥାନାଧିକାରୀ ଅମିତାଭ ଦାଶ ତଦନ୍ତ କରୁଛନ୍ତି।

### ଜାତୀୟ ପୁଷ୍ଟି ସାଧନ ମାସ ଅବସରରେ ଜିଲାସ୍ତରୀୟ କର୍ମଶାଳା

# ସନ୍ତୁଳିତ, ପୁଷ୍ଟିକର ଖାଦ୍ୟ ପ୍ରଦାନ ପାଇଁ ଆହ୍ୱାନ

**ଅନୁଗୋଳ ଅଫିସ, ୨୦।୯**

ଜାତୀୟ ପୁଷ୍ଟି ସାଧନ ମାସ ପାଳନ ଅବସରରେ ଶୁକ୍ରବାର ଜିଲା କାର୍ଯ୍ୟାଳୟ କୋର୍ଟ ରୁମ୍ ଠାରେ ଜିଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ମନୋଜ କୁମାର ମହାନ୍ତି ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁ ଓ ମାତୃ ମୃତ୍ୟୁହାର କମାଇବା ପାଇଁ ସେମାନଙ୍କୁ ନିୟମିତ ସନ୍ତୁଳିତ ଆହାର ଏବଂ ପୁଷ୍ଟିକର ଖାଦ୍ୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ।

ଜିଲାପାଳ କହିଥିଲେ ଯେ, ଶିଶୁର ଶାରୀରିକ ଓ ମାନସିକ ବିକାଶ ଦ୍ରୁତ ଗତିରେ ହୋଇଥାଏ। ତେଣୁ ମା'ମାନଙ୍କୁ ପିଲାର ସୁଷମ ଖାଦ୍ୟ ସମ୍ପର୍କରେ ସଚେତନ କରାଯିବା ଆବଶ୍ୟକ। ଅପପୁଷ୍ଟିରେ ଯେପରି କୌଣସି ଶିଶୁ ଶିକାର ନ ହୁଅନ୍ତି ସେଥିପାଇଁ ସରକାରଙ୍କ ପ୍ରତ୍ୟେକଟି ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ଜିଲାପାଳ ତପନ କୁମାର ଶତପଥୀ ଶିଶୁଙ୍କୁ ବାହାର ଖାଦ୍ୟ (ଡବା) ନ ଦେଇ ଘରେ ପ୍ରସ୍ତୁତ ସୁଷମ ଖାଦ୍ୟ ଖୁଆଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଅମରେନ୍ଦ୍ର ମହାନ୍ତି ବିଭିନ୍ନ ଭିଟାମିନ ଓ ପ୍ରୋଟିନ୍ ଖାଦ୍ୟର ଉପାଦେୟତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଅଙ୍ଗନୱାଡ଼ି କେନ୍ଦ୍ର ଓ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ପୁଷ୍ଟିକର ଖାଦ୍ୟ ପ୍ରଦର୍ଶନୀକୁ ଜିଲାପାଳ ବୁଲି ଦେଖିବା ସହ ଅଂଶ ଗ୍ରହଣକାରୀ ୮ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ପୁରସ୍କୃତ କରିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରିଣୀ ଅଲାମ ବରୁଆ ଏହି ମାସ ପାଳନର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ଅଫିସର ପୌର୍ଣ୍ଣମାସୀ ରଥ, କାର୍ଯ୍ୟ ସମ୍ପାଦକ ଓ ମୂଲ୍ୟ ନିର୍ଦ୍ଧାରଣ ପରିଚାଳିକା ଝିଲି ଖଟୁଆ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଯକ୍ଷ୍ମା ନିରାକରଣ ଅଧିକାରୀ ଡା. ତ୍ରିଲୋଚନ ପ୍ରଧାନ, ଏଡିଏମ୍‌ଓ (ଜନସ୍ୱାସ୍ଥ୍ୟ) ଡା. ରାକେଶ କୁମାର ସାହୁ ଉପସ୍ଥିତ ଥିଲେ। ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ଡେମୋନଷ୍ଟ୍ରେଶନ ଅଫିସର ପ୍ରବୋଧ କୁମାର ମିଶ୍ର ଏବଂ ତାଲିମଦାତା ମନୋରଞ୍ଜନ ବାରିକ ଉପସ୍ଥିତ ରହି ପୁଷ୍ଟି ସାଧନ କାର୍ଯ୍ୟକ୍ରମର ବ୍ୟାପକ ପ୍ରଚାର ପ୍ରସାର ସମ୍ପର୍କରେ ଅବଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ ସଚ୍ଚିଦାନନ୍ଦ ବେହେରା, ସମଗ୍ର ଶିକ୍ଷା ଜିଲା ପ୍ରକଳ୍ପ ସଂଯୋଜକ ନିରଞ୍ଜନ ସାହୁ, ଜେଏସ୍‌ପିଏଲ୍‌ର ଜିଏମ୍(ସିଏସ୍‌ଆର୍) ପୁଷ୍ପଲତା ଶତପଥୀ, ଅନୁଗୋଳ ଉଦ୍ୟାନ ବିଭାଗର ଉପନିର୍ଦ୍ଦେଶକ ପଦ୍ମଲୋଚନ ଦାସ ପ୍ରମୁଖ ଯୋଗଦେଇଥିଲେ।

### କଲେଜ ପରିଚାଳନା କମିଟି ବୈଠକ

**ଛେଣ୍ଡିପଦା,୨୦।୯(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ କୋଶଳା ମହାବିଦ୍ୟାଳୟ କାର୍ଯ୍ୟାଳୟଠାରେ ଶୁକ୍ରବାର କଲେଜ ପରିଚାଳନା କମିଟିର ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ରାମଚନ୍ଦ୍ର ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ କଲେଜ ସଭାପତି ତଥା ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷ ଅଶୋକ କୁମାର ପ୍ରଧାନ, ପରିଚାଳନା କମିଟି ସଭ୍ୟ ଶରତ ଚନ୍ଦ୍ର ସାହୁ, ସଭ୍ୟା ନିର୍ମଳା ସାହୁ, ଯୁବନେତା ରାକେଶ ନାଥ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ମହାବିଦ୍ୟାଳୟର କାର୍ଯ୍ୟାଳୟ ମୁଖ୍ୟ କ୍ଷୀରମୋହନ ସାହୁ ପୂର୍ବ ବୈଠକର ବିବରଣୀ ପାଠ କରିଥିଲେ। ପରେ କଲେଜର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ପରିଚାଳନା କମିଟି ସଦସ୍ୟାସଦସ୍ୟମାନେ କିରାଣୀ ନିଯୁକ୍ତି, ଅଶୋକ ସ୍ତମ୍ଭ ସ୍ଥାପନ ଓ ଛାତ୍ରୀଛାତ୍ରଙ୍କ ୯୦ ଶତକଡା ଉପସ୍ଥାନ ନିମନ୍ତେ ଅଭିବାବକ ଓ ଛାତ୍ରୀଛାତ୍ରଙ୍କୁ ସଚେତନ ଆଦି ଉପରେ ଆଲୋକପାତ କରିଥିଲେ।

## ପରିମଳ ଅବ୍ୟବସ୍ଥା ନେଇ ଏମ୍‌ପିଙ୍କ ଅସନ୍ତୋଷ



**ତାଳଚେର,୨୦।୯(ନି.ପ୍ର.)**

ତାଳଚେର ପୌର ପରିଷଦର କାର୍ଯ୍ୟ ସମୀକ୍ଷା କରିଛନ୍ତି ଢେଙ୍କାନାଳ ଏମ୍‌ପି ମହେଶ ସାହୁ। ଗୁରୁବାର ଏମ୍‌ପି କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ୨୧ଟି ୱାର୍ଡରେ ପରିମଳ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଥିବା ନେଇ ଅସନ୍ତୋଷ ପ୍ରକଟ କରିଥିଲେ। ଏଥିପ୍ରତି ଦୃଷ୍ଟି ଦେବା ପାଇଁ ପୌରପ୍ରଶାସକ ତଥା ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ ଓ ନିର୍ବାହୀ ଅଧିକାରୀ ଅତସୀ ପରିଡ଼ାଙ୍କୁ ପରାମର୍ଶ ଦେଇଥିଲେ। ୨୧ଟି ୱାର୍ଡକୁ ପାନୀୟ ଜଳ ଯୋଗାଣ ହୋଇଥିଲେ ମଧ ବହୁ ପରିମାଣର ପାଇପ୍ ସଂଯୋଗ ବେନିୟମ ଭାବେ କରାଯାଇଥିବାରୁ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ପରାମର୍ଶ ଦେଇଥିଲେ। ପୌରାଞ୍ଚଳର ୬୮ଟି ପ୍ରକଳ୍ପ ମଧ୍ୟରୁ ୬୪ଟି ପ୍ରକଳ୍ପ ଶେଷ ହୋଇଛି ଏବଂ ବାକି ୪ଟି ପ୍ରକଳ୍ପ ବିଭିନ୍ନ କାରଣ ନେଇ ସମ୍ପୂର୍ଣ୍ଣ ହୋଇପାରି ନ ଥିବା ନିର୍ବାହୀ ଅଧିକାରୀ ସୂଚନା ଦେଇଥିଲେ। ଏହି ସମୀକ୍ଷା ବୈଠକରେ ଉପଜିଲାପାଳ, ନିର୍ବାହୀ ଅଧିକାରୀ ଅତସି ପରିଡ଼ାଙ୍କ ସମେତ ପୌରଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ, ବିଭାଗୀୟ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

## ଅନୁଗୋଳ ମେଡିକାଲ ପରିଦର୍ଶନ କଲେ କାୟାକଳ୍ପ ଟିମ୍



ମେଡିକାଲ ପରିଦର୍ଶନ କରୁଛନ୍ତି କାୟାକଳ୍ପ ଟିମ୍ ସଦସ୍ୟ।

**ଅନୁଗୋଳ ଅଫିସ, ୨୦।୯**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଶୁକ୍ରବାର କାୟାକଳ୍ପ ଟିମ୍‌ର ୩ ଜଣିଆ ସଦସ୍ୟ ପରିଦର୍ଶନ କରିଛନ୍ତି। ସେମାନେ ମେଡିକାଲର ବିଭିନ୍ନ ୱାର୍ଡ ବୁଲିବା ପରେ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି। ତେବେ ରୋଗୀସେବା ଓ ପରିଚାଳନା ନେଇ ଉକ୍ତ ଟିମ୍ ସଦସ୍ୟମାନେ ସନ୍ତୋଷ ବ୍ୟକ୍ତ କରିଥିବା ବେଳେ ଡ୍ରେନେଜ ବ୍ୟବସ୍ଥା ଓ ପାଚେରି ଚତୁଃପାର୍ଶ୍ୱ ଜବରଦଖଲ ଦେଖି ଖପ୍ପା ହୋଇଥିଲେ।

କେନ୍ଦୁଝର ଏଡିଏମ୍‌ଓ ମେଡିକାଲ ଡାକ୍ତର ଗୌରପ୍ରସାଦ ମିଶ୍ରଙ୍କ ନେତୃତ୍ୱରେ ମେଡିକାଲ ମ୍ୟାନେଜର ସଙ୍ଗୀତା ସ୍ୱାଇଁ, ଜିକେଏସ୍ ଆଶିଷ୍ଟାଣ୍ଟ ମ୍ୟାନେଜର ଅଭିଶେଷ ପ୍ରମୁଖ ଅନୁଗୋଳ ମେଡିକାଲ ପରିଦର୍ଶନରେ ଆସିଥିଲେ। ଏହି ଟିମ୍ ପୂର୍ବାହ୍ନ ୧୦.୩୦ରେ ପହଞ୍ଚିବା ପରେ ଅନୁଗୋଳ ଏଡିଏମ୍‌ଓ ମେଡିକାଲ ଲକ୍ଷ୍ମୀନାରାୟଣ ବିଶୋଇଙ୍କ ସହ ଆଲୋଚନା କରିଥିଲେ। ପରେ ମେଡିକାଲ ପରିସରରେ ୫ମ ମହଲାରେ ଥିବା ସ୍ତ୍ରୀ ଓ ପ୍ରସୂତି ବିଭାଗ ପରିଦର୍ଶନରେ ଯାଇଥିଲେ। ୩ୟ ମହଲାରେ ରୋଗୀଙ୍କୁ ଭେଟି ଆଲୋଚନା କରିଥିଲେ। କେତେକ ପୁରୁଣା ୱାର୍ଡ ସହ ମେଡିକାଲର ଆନୁଷଙ୍ଗିକ ବ୍ୟବସ୍ଥା କିପରି ଚାଲିଛି ତାହା ପରିଦର୍ଶନ କରିଥିଲେ। ପରେ ସ୍ୱଚ୍ଛତା, ସଫେଇ, ବର୍ଜ୍ୟବସ୍ତୁ ପରିଚାଳନା ଓ ଭିତ୍ତିଭୂମି, ରୋଗୀ ସେବା, କର୍ମଚାରୀଙ୍କ ବ୍ୟବହାର ଅନୁଧ୍ୟାନ କରିଥିଲେ। ଏଥିସହ ତୁରନ୍ତ ଡ୍ରେନେଜ ବ୍ୟବସ୍ଥାରେ ସୁଧାର ଆଣିବା ସହ ଚତୁଃପାର୍ଶ୍ୱରେ ଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ପରାମର୍ଶ ଦେଇଥିବା ମେଡିକାଲ ମ୍ୟାନେଜର ଦେବାଶିଷ ଦାସ ସୂଚନା ଦେଇଛନ୍ତି।

### ସଫଳ ହେଲା ଅପରେଶନ

**ବନ୍ତଲା, ୨୦।୯(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲା ଗଡ଼ତରାସ ଗ୍ରାମର ଶୁଭଙ୍କର ବେହେରା(୩)ଙ୍କ ଅଣ୍ଟାରେ ଛୁଞ୍ଚି ରହିବାର ୪ ମାସ ପରେ ଶୁକ୍ରବାର ସଫଳ ଅସ୍ତ୍ରୋପଚାର କରାଯାଇ ଏହାକୁ କଢାଯାଇଛି।

**ଶିଶୁ ଅଣ୍ଟାରେ ଛୁଞ୍ଚି ରହିଯିବା ଘଟଣା**

ଭୁବନେଶ୍ୱର ସ୍ଥିତ ଏମ୍‌ସ ମେଡିକାଲରେ ଅପରାହ୍ନରେ ଏହି ଅସ୍ତ୍ରୋପଚାର କରାଯାଇଛି। ସେ ବର୍ତ୍ତମାନ ସୁସ୍ଥ ଥିବା ଜଣାପଡିଛି। ସମ୍ପୂର୍ଣ୍ଣ ଭଲ ହେବା ପରେ ସେ ଘରକୁ ଫେରିବେ ବୋଲି ସୂଚନା ମିଳିଛି। ଜିଲା ପ୍ରଶାସନ ଓ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ହସ୍ତକ୍ଷେପ ପରେ ଶୁଭଙ୍କରଙ୍କ ଅପରେଶନ କରାଯାଇଥିଲା। ସୂଚନାଯୋଗ୍ୟ ଯେ, ଗତ ମେ ୨୫ରେ ଶୁଭଙ୍କର ଖେଳୁଥିବା ବେଳେ ତାଙ୍କ ଜିଭ ଖଣ୍ଡିଆ ହୋଇଥିଲା। ବନ୍ତଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ନର୍ସ ଇଞ୍ଜେକଶନ ଦେଉଥିବା ସମୟରେ ଛୁଞ୍ଚି ଭାଙ୍ଗି ତାଙ୍କ ଅଣ୍ଟାରେ ରହିଯାଇଥିଲା। ଅନୁଗୋଳ ଡାକ୍ତରଖାନା, କଟକ ଶିଶୁଭବନ, କଟକ ଡାକ୍ତରଖାନାରୁ ନିରାଶ ହେବା ପରେ ତାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ଏ ସମ୍ପର୍କରେ ପରିବାର ପକ୍ଷରୁ ଜୁନ ୧୭ରେ ବନ୍ତଲା ଥାନାରେ ଅଭିଯୋଗ କରାଯାଇଥିଲା।

## ବଚପନ ଛାତ୍ରୀଛାତ୍ରଙ୍କ ମୁଖ୍ୟ ଡାକଘର ପରିଦର୍ଶନ

**ଅନୁଗୋଳ ଅଫିସ, ୨୦।୯**





ଡାକଘର ପରିଦର୍ଶନରେ ଆସିଥିବା ବଚପନ ଛାତ୍ରୀଛାତ୍ରମାନେ।

ଅନୁଗୋଳ ମିଶ୍ରପଡ଼ା ସ୍ଥିତ ବଚପନ ପ୍ଲେ ସ୍କୁଲର ଛାତ୍ରୀଛାତ୍ରମାନେ ଅନୁଗୋଳ ମୁଖ୍ୟ ଡାକଘର ପରିଦର୍ଶନ କରିଥିଲେ। କୁନି କୁନି ପିଲାମାନେ ସେମାନଙ୍କ ମା ଓ ବାପାଙ୍କ ପାଖକୁ ପୋଷ୍ଟ କାର୍ଡରେ ଦୁର୍ଗାପୂଜା ଅଭିନନ୍ଦନ ଜଣାଇ ଡାକବାକ୍ସରେ ପକାଇଥିଲେ। ଡାକଘର କର୍ମଚାରୀମାନେ ଡାକ ଘରେ ଚିଠି ଓ ଟଙ୍କା କିପରି ପ୍ରେରଣ କରାଯାଏ ସେ ସମ୍ବନ୍ଧରେ କୁନି କୁନି ପିଲାମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଡାକଘର ପୋଷ୍ଟମାଷ୍ଟର ସୁଶାନ୍ତ କୁମାର ପାଣିଗ୍ରାହୀ, ଡେପୁଟି ପୋଷ୍ଟମାଷ୍ଟର ହରିଶଙ୍କର ଶତପଥୀ, ବ୍ୟବସାୟିକ ଅଧିକାରୀ ଚନ୍ଦନ କୁମାର ସାହୁ, ଡାକ ସହାୟକ ପ୍ରିୟଙ୍କା ପ୍ରିୟଦର୍ଶିନୀ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ସ୍କୁଲ ଅଧ୍ୟକ୍ଷା ଯଶ୍‌ପାଲ ପଟ୍ଟନାୟକ, ସମସ୍ତ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ଭାଜପାର ସଚେତନତା କାର୍ଯ୍ୟକ୍ରମ

**ଅନୁଗୋଳ ଅଫିସ, ୨୦।୯**



ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଭାଜପା କର୍ମକର୍ତ୍ତାମାନେ।

ଅନୁଗୋଳ ଭାଜପା ପକ୍ଷରୁ ଶୁକ୍ରବାର ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୌରପାଳିକା କାର୍ଯ୍ୟାଳୟ ଠାରୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ସଫେଇ କରାଯାଇଥିଲା। ଏଥିସହିତ 'ସ୍ୱଚ୍ଛ ପରିବେଶ ସୁସ୍ଥ ପରିବେଶ' ବୋଲି ସହରବାସୀଙ୍କୁ ସଚେତନ କରାଯାଇଥିଲା। ସହରକୁ ଆବର୍ଜନା ମୁକ୍ତ ରଖିବା ସହ ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବା ପାଇଁ ଭାଜପା କର୍ମୀମାନେ ଆହ୍ୱାନ ଦେଇଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ପତଞ୍ଜଳୀ ଯୋଗଗୁରୁ ଅଭୟ ରାୟ, ଅଂଶୁମାନ ନାଏକ, ପ୍ରଦୀପ ରାଉତ, ପ୍ରତିମା ମିଶ୍ର, ନମିତା ଦଳବେହେରା, ସୁଜାତା ଦାସ, ସୁଷମା ବେହେରା, ମମତା ମହାପାତ୍ର, ସରିତା ମିଶ୍ର, ସମୀର ପରିଡ଼ା, ଏମ୍‌ଡି ସବୀର୍, ଶ୍ୟାମସୁନ୍ଦର ପାଲଶର୍ମା, ଜଗନ୍ନାଥ ଗଡ଼ନାୟକ, ଡା. ଆଶିଷ ରାଉତଙ୍କ ସମେତ ବହୁ କର୍ମୀ ଯୋଗଦେଇଥିଲେ।

### ଆରମ୍ଭ ହେଲା ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟବଲ

# ଉଦ୍‌ଘାଟନୀ ମ୍ୟାଚ୍‌ରେ ସମ୍ବଲପୁର ବିଜୟୀ



**ଢେଙ୍କାନାଳ ଅଫିସ, ୨୦।୯**

ଢେଙ୍କାନାଳ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ସ୍ଥାନୀୟ ଷ୍ଟାଡିୟମ୍‌ରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ସର୍ବଭାରତୀୟ ଆମନ୍ତ୍ରଣୀୟ ଫୁଟବଲ ପ୍ରତିଯୋଗିତା। ଉଦ୍‌ଘାଟନୀ ମ୍ୟାଚ୍‌ରେ ପପୁଲାର କ୍ଲବ ନରଣପୁରକୁ ୩-୨ ଗୋଲରେ ପରାସ୍ତ କରି ସମ୍ବଲପୁର ସ୍ପୋର୍ଟସ ହଷ୍ଟେଲ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧର ୫ ମିନିଟ୍‌ରେ ପପୁଲାର କ୍ଲବ ପକ୍ଷରୁ ଅମିତ ଦାସ ଏବଂ ୧୫ ମିନିଟରେ ଅନୁରାଗ ସାହୁ ଗୋଟିଏ ଲେଖାଏ ଗୋଲ ପ୍ରଦାନ କରି ଦଳକୁ ୨-୦ରେ ଅଗ୍ରଣୀ କରାଇଥିଲେ। ଏହାପରେ ସମ୍ବଲପୁର ମ୍ୟାଚ୍‌କୁ ପ୍ରତ୍ୟାବର୍ତ୍ତନ କରିଥିଲା। ପ୍ରଥମାର୍ଦ୍ଧର ୩୦ ମିନିଟ୍‌ରେ ରଘୁ ମାରାଣ୍ଡି ଏବଂ ଦ୍ୱିତୀୟାର୍ଦ୍ଧର ୩୫ ମିନିଟ୍‌ରେ ରିଙ୍କୁ ମାହାରା ଗୋଟିଏ ଲେଖାଏ ଗୋଲ ଦେଇ ମ୍ୟାଚ୍‌କୁ ସମାନ ସ୍ତରକୁ ଆଣିଥିଲେ। ମ୍ୟାଚ୍‌ର ୭୩ ମିନିଟ୍‌ରେ ରଘୁ ମାରାଣ୍ଡି ବିଜୟ ସୂଚକ ଗୋଲ ପ୍ରଦାନ କରିବା ସହ ଦଳକୁ ୩-୨ରେ ଆଗୁଆ କରିଦେଇଥିଲେ। ଏହାପରେ ନରଣପୁର ହାତରୁ ମ୍ୟାଚ୍ ଖସିଯାଇଥିଲା। ଖେଳକୁ ରେଫରି ଜ୍ୟୋତିରଞ୍ଜନ ସ୍ୱାଇଁ, ଆଶୀର୍ବାଦ କାନୁନ୍‌ଗୋ, ସୁବ୍ରତ ପୁରୋହିତ, ଅନିଲ କୁମାର ନନ୍ଦ ପରିଚାଳନା କରିଥିଲେ। ମାୟାଧର ସାହୁ ମ୍ୟାଚ୍ କମିଶନର ରହିଥିଲେ। ରଘୁ ମାରାଣ୍ଡି ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।

ଜିଲା କ୍ରୀଡ଼ା ସଂଘ ଉପସଭାପତି ଦିବାକର ପ୍ରଧାନ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ମହାନ୍ତି, ସଂଘ ସମ୍ପାଦକ ନଳିନୀ କୁମାର ଦାସ, ଯୁଗ୍ମ ସମ୍ପାଦକ ଗୌରାଙ୍ଗ ଶଙ୍କର ସେଠୀ ଉପସ୍ଥିତ ଥିଲେ। ଜିଲାରେ ପ୍ରଥମ ଥର ଲାଗି ହେଉଥିବା ଏହି ଟୁର୍ଣ୍ଣାମେଣ୍ଟ ପାଇଁ କ୍ରୀଡ଼ାପ୍ରେମୀଙ୍କ ମଧ୍ୟରେ ବିପୁଳ ଉତ୍ସାହ ଦେଖାଦେଇଛି। ଶନିବାର କଟକ ସ୍ପୋର୍ଟସ୍ ହଷ୍ଟେଲ ଏବଂ ଫୁଲବାଣୀ ଏକାଦଶ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ବୋଲି କ୍ରୀଡ଼ା ସଂଘ ପକ୍ଷରୁ ସୂଚନା ଦିଆଯାଇଛି।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ